## ଦେବୀମୁହାଣ ପରିଦର୍ଶନ କଲେ ସାମ୍ବାଦିକ

# ଲୁଣା ଜଙ୍ଗଲର ସୁରକ୍ଷାକୁ ଗୁରୁତ୍ୱ




**ଅସ୍ତରଙ୍ଗ,୩୦।୬(ସମିସ):** ସାମୁଦ୍ରିକ ଅଞ୍ଚଳରେ ଗଢ଼ି ଉଠିଥିବା ଓଡ଼ିଶା ପର୍ଯ୍ୟାବରଣ ସଂରକ୍ଷଣ ଅଭିଯାନ ସଂଗଠନର ମୁଖ୍ୟ ତଥା ମିଳିତ ଜାତିସଂଘର ଯୁବ ଅଧିବକ୍ତା ସୌମ୍ୟରଞ୍ଜନ ବିଶ୍ୱାଳଙ୍କ ନେତୃତ୍ୱରେ ଆଜି ଉପକୂଳ ସାମ୍ବାଦିକମାନେ ଦେବୀ ମୁହାଣ ପରିଦର୍ଶନ କରିଛନ୍ତି। ଏକ ବୋଟ୍‌ରେ ସାମ୍ବାଦିକମାନେ ଦେବୀ ମୁହାଣର ଅତି ସମ୍ବେଦନଶୀଳ ସ୍ଥାନ ପରିଦର୍ଶନ କରି ଫେରିଥିଲେ। ଜଳବାୟୁ ପରିବର୍ତ୍ତନ ପ୍ରଭାବରେ ବିଭିନ୍ନ ସ୍ଥାନର ଅବକ୍ଷୟ ଓ ଲୁଣା ଜଙ୍ଗଲରର ଉପକାରିତା ଉପରେ ଆଲୋଚନା ହୋଇଥିଲା। ଉଚ୍ଚ ଜୁଆର ଯୋଗୁ ମୃତ୍ତିକା କ୍ଷୟ, ଜଙ୍ଗଲ ସମ୍ପଦ ନଷ୍ଟ ସମେତ ଲୁଣା ଜଙ୍ଗଲର ଭୂମିକା, ସ୍ଥିତି, ଅବସ୍ଥିତି, ସୁରକ୍ଷା ଉପରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଥିଲା। ପ୍ରତିକୂଳ ପରିସ୍ଥିତିରେ ଲୁଣା ଜଙ୍ଗଲର ଅଭିବୃଦ୍ଧି ପାଇଁ ଚାରା ରୋପଣ, ସଂରକ୍ଷଣ, ବନ୍ୟଜନ୍ତୁ ଓ ଜଳଚର ଜୀବଙ୍କୁ ସୁରକ୍ଷା ଦିଗରେ ଉଦ୍ୟମ ଜାରି ରଖିଥିବା ଏହି ସଂଗଠନକୁ ସାମ୍ବାଦିକମାନେ ପ୍ରଶଂସା କରିଥିଲେ। ଲୁଣା ଜଙ୍ଗଲ ପରିଦର୍ଶନ ଓ ଜଳବାୟୁ ପରିବର୍ତ୍ତନର ସଚେତନତା ପାଇଁ ଗଣମାଧ୍ୟମର ସହଭାଗିତାକୁ ଗୁରୁତ୍ୱ ଦିଆଯାଇଛି। ଏଫ.ଆଇ.ଡି.ଆର ଭୁବନେଶ୍ୱର ଏବଂ ଯୁକ୍ତରାଷ୍ଟ୍ର ଆମେରିକା ବାଣିଜ୍ୟ ଦୂତାବାସ ହାଇଦ୍ରାବାଦ ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସାମ୍ବାଦିକମାନେ ଲୁଣା ଜଙ୍ଗଲ ସଂରକ୍ଷଣ ସହିତ ଜଳବାୟୁ ପରିବର୍ତ୍ତନର ଉତ୍କଟ ପ୍ରଭାବ ଅଞ୍ଚଳ ପରିଦର୍ଶନ କରିଥିଲେ। ଓଡ଼ିଶା ପର୍ଯ୍ୟାବରଣ ସଂରକ୍ଷଣ ସଂଗଠନର ଟ୍ରଷ୍ଟି ବାବୁ ବେହେରା, ରାଜ୍ୟ ବିଜୁ ପଟ୍ଟନାୟକ ବନ୍ୟପ୍ରାଣୀ ସଂରକ୍ଷଣ ପୁରସ୍କାରପ୍ରାପ୍ତ ବିଚିତ୍ରାନନ୍ଦ ବିଶ୍ୱାଳ ଉପସ୍ଥିତ ରହି ବୁଝାଇଥିଲେ। ସମୁଦ୍ର ଜଳ ପତ୍ତନ ବୃଦ୍ଧିରେ ଆର୍ଦ୍ରଭୂମି ଉପରେ ଚାପ ପଡି ଜଙ୍ଗଲ କ୍ଷୟ ହେବା, ବାଘେଟା, ଜଳ ଓଧ ଆଦି ବିରଳ ପ୍ରଜାତି ପ୍ରାଣୀଙ୍କ ଆବାସସ୍ଥଳୀ ପ୍ରଦୂଷଣ ପ୍ରଭାବରେ ବିପଦ ଆଣୁଛି। ସମୁଦ୍ର ଭିତରେ ଥିବା ଟାପୁ, ସମୁଦ୍ର କୂଳ, ଆଦ୍ର ଭୂମିରେ ଧାନୀ ନାମକ ଉଭିଦ(ଧାନ ଗଛ ଭଳି ଗୁଳ୍ମ)ର ସଂରକ୍ଷଣ, ଉପକୂଳ ପ୍ରାକୃତିକ ଲୁଣା ଜଙ୍ଗଲ ସଂରକ୍ଷଣ ଓ ସଚେତନତା ଦିଗରେ ସାମ୍ବାଦିକଙ୍କ ସହ ଆଲୋଚନା ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସାମ୍ବାଦିକ ବିପିନ ବିହାରୀ ଦାସ, ନିରଞ୍ଜନ ଦାସଙ୍କ ସମେତ ପ୍ରସାର ଖୁଣ୍ଟିଆ, ମାନସ ଖଣ୍ଡୁଆଳ, ଲୋକନାଥ ସ୍ୱାଇଁ, ବିଜୟ ବେହେରା, ଆର୍ଯ୍ୟମ ବିଶ୍ୱାଳ ଓ ପ୍ରକାଶ ବେହେରା ପ୍ରମୁଖ ଯୋଗ ଦେଇଥିଲେ।

## ଗୋସ୍ୱାମୀ ବ୍ରାହ୍ମଣ ସମାବେଶ ଓ ବିଶ୍ୱ ପ୍ରାର୍ଥନା ଦିବସ



**ନିମାପଡ଼ା,୩୦।୬(ସମିସ):** ନିମାପଡ଼ା ବ୍ଲକ ଖେଲାର ମଠସାହିସ୍ଥିତ କାଶିଶ୍ୱେରୀ ଠାକୁରାଣୀଙ୍କ ପୀଠରେ ଦଶନାମୀ ଗୋସ୍ୱାମୀ ବ୍ରାହ୍ମଣ ସଂଗଠନର ଜିଲ୍ଲାସ୍ତରୀୟ ବୈଠକ ପଣ୍ଡିତ ବିଷ୍ଣୁ ଚରଣ ଭାରତୀ ଗୋସ୍ୱାମୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥିଭାବେ ପୂର୍ଣ୍ଣେନ୍ଦୁ କୁମାର ପୁରୀ, ଶରତ କୁମାର ପୁରୀ, ପୂର୍ଣ୍ଣଚନ୍ଦ୍ର ଭାରତୀ ପ୍ରମୁଖ ଯୋଗଦେଇ ବୈଦିକ ଧର୍ମର ପ୍ରଚାର, ପ୍ରସାର ଓ ମଠ ରକ୍ଷଣାବେକ୍ଷଣ ପାଇଁ ଗିରି, ପର୍ବତ, ସାଗର, ଆଶ୍ରମ, ସରସ୍ୱତୀ ଆଦି ଦଶନାମୀ ସମ୍ପ୍ରଦାୟ ଉପରେ ନ୍ୟସ୍ତ କରିଥିବା ଦାୟିତ୍ୱ ସଂପର୍କରେ ଆଲୋକପାତ କରିଥିଲେ। ଏଥିପାଇଁ ଏକ ଗ୍ରାମ୍ୟ କମିଟି ଗଠନ କରାଯାଇଥିଲ। ଆସନ୍ତା ବୈଠକ ଜାଗିରୀ ଗ୍ରାମରେ ଅନୁଷ୍ଠିତ ହେବାପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ବିଶ୍ୱ ପ୍ରାର୍ଥନା ଦିବସ ଟ୍ରଷ୍ଟର ଅଧ୍ୟକ୍ଷ ମୁରଲୀଧର ଭାରତୀ ଗୋସ୍ୱାମୀ ବିଶ୍ୱ ସମୁଦାୟର କଲ୍ୟାଣ ନିମନ୍ତେ ବେଦପାଠ ସହ ସାମୂହିକ ପ୍ରାର୍ଥନା କରାଯାଇଥିଲା। ପୂର୍ଣ୍ଣଚନ୍ଦ୍ର ଭାରତୀ, କୈଳାଶ ଚନ୍ଦ୍ର ଭାରତୀ, ବୀରବର ଭାରତୀ, ଅନ୍ତର୍ଯ୍ୟାମୀ ଭାରତୀଙ୍କ ସମେତ ପୁରୀ ଜିଲ୍ଲାର ବିଭିନ୍ନ ଗ୍ରାମରୁ ଶତାଧିକ କର୍ମକର୍ତ୍ତା ଯୋଗ ଦେଇଥିଲେ। ପରିଶେଷରେ ପଣ୍ଡିତ ପ୍ରେମାନନ୍ଦ ଭାରତୀ ଧନ୍ୟବାଦ ଅର୍ପଣ କରିଥିଲେ।

## ମାଗଣା ଦନ୍ତ ଚିକିତ୍ସା ଶିବିର

**ଗୋପ,୩୦।୬(ସମିସ):** ରବିବାର ଗୋପ ଷ୍ଟେଟ୍ ବ୍ୟାଙ୍କ ନିକଟରେ ଥିବା ସ୍ୱର୍ଣ୍ଣ ଦନ୍ତ ଚିକିତ୍ସାଳୟରେ ବିଭୂତି ମେମୋରିଆଲ ପକ୍ଷରୁ ମାଗଣା ଦନ୍ତ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଡାକ୍ତର ସନ୍ଦୀପ ପ୍ରସାଦ ବୋଷ ମଲ୍ଲିକ୍ ଦନ୍ତ ସମସ୍ୟା ଥିବା ବିଭିନ୍ନ ରୋଗୀଙ୍କ ଚିକିତ୍ସା କରିଥିଲେ। ପ୍ରତ୍ୟେକ ବର୍ଷ ଏହି ଦନ୍ତ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଥିବାବେଳେ ଚଳିତ ବର୍ଷ ୯୦ ଜଣ ରୋଗୀ ମାଗଣାରେ ଦନ୍ତ ଚିକିତ୍ସା ସହ ପରାମର୍ଶ ନେଇଥିଲେ।

## ମରାମତି ହେଉନି ରାସ୍ତା; ବଢ଼ୁଛି ଅସନ୍ତୋଷ



**ନୟାହାଟ,୩୦।୬(ସମିସ):** ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଥିବା ତିରୁଣାରୁ ବଉଲାଙ୍ଗ ଦୀର୍ଘ ୩ କିମି ରାସ୍ତା ମରାମତି ଅଭାବରୁ ଶୋଚନୀୟ ହୋଇପଡ଼ିଛି। ଗତ ୩ ବର୍ଷ ମଧ୍ୟରେ ୪ କୋଟି ଟଙ୍କା ବିନିଯୋଗ କରାଯାଇଥିବା ବେଳେ ରାସ୍ତାର ଅବସ୍ଥା କହିଲେ ନସରେ। ରାସ୍ତା କାର୍ଯ୍ୟ ବେଳେ ପୁରୁଣା ମେଟାଲ ବ୍ୟବହାର କରାଯାଇଥିବାରୁ ରାସ୍ତାର ଦୁଇ ପାଶ୍ୱର୍ ଦବି ଯାଇଛି। ରାସ୍ତାର ମଝି ଅଂଶ ଉଚ୍ଚା ଥିବାରୁ ଦୁଇ ଚକିଆ ଯାନ ଓ ଚାରି ଚକିଆ ଯାନ ଯାତାୟାତରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଉକ୍ତ ରାସ୍ତା ଉପରେ ଦୈନିକ ଶହ ଶହ ଲୋକ କାଳିଆ ଗାଦି, କୋଣାର୍କକୁ ଯାତାୟାତ କରୁଥିବା ବେଳେ ଉକ୍ତ ରାସ୍ତା ବିଭିନ୍ନ ସ୍ଥାନରେ ଖାଲଖମାରେ ପରିଣତ ହୋଇଥିବାରୁ ଲୋକମାନେ ଅନ୍ଧାର ରାତିରେ ଯିବା ଆସିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଉକ୍ତ ରାସ୍ତାକୁ ତୁରନ୍ତ ମରାମତି କରିବା ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗର କୋଣାର୍କ ଏସ୍‌ଡିଓ ଦୃଷ୍ଟି ଦେବାକୁ ବଉଲାଙ୍ଗ ପଞ୍ଚାୟତର ପୂର୍ବତନ ସରପଞ୍ଚ କମଳା କାନ୍ତ କୁଅଁର ଦାବି କରିଛନ୍ତି।

## ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



**କୃଷ୍ଣପ୍ରସାଦ,୩୦।୬(ସମିସ):** କୃଷ୍ଣପ୍ରସାଦ ବ୍ଲକ ବଡ଼ଅଁଳ ପଞ୍ଚାୟତର ଖୋଳାମୁହଁ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନିତ୍ୟାନନ୍ଦ ଦାସଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ବିଦ୍ୟାଳୟ ପରିଚାଳନା କମିଟିର ପୂର୍ବତନ ସଭାପତି ରାଘବ ଜୟସିଂହଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବିଆର୍‌ସିସି ସତ୍ୟବ୍ରତ ସାହୁ, ଅତିରିକ୍ତ ଶିକ୍ଷା ଅଧିକାରୀ ସିଦ୍ଧେଶ୍ୱର କରଣ, ସିଆର୍‌ସିସି ଅକ୍ଷୟ କୁମାର ପ୍ରଧାନ, ସିଆର୍‌ସିସି ବିଦ୍ୟାଧର ଜେନା, ରମାକାନ୍ତ ଜେନା, ସତ୍ୟବାଦୀ ବିଶ୍ୱାଳ, ଦିଲ୍ଲୀପ କୁମାର ବିଶ୍ୱାଳ, ବରିଷ୍ଠ ଶିକ୍ଷକ ବିଦ୍ୟାଧର ଜାଲି, ବରିଷ୍ଠ ଶିକ୍ଷୟିତ୍ରୀ ବିଷ୍ଣୁପ୍ରିୟା ଡାକୁଆ, ଅର୍ଜୁନ ଦାସ, ବିଭୂଧ ଭୂଷଣ ମଲ୍ଲିକ, ଉପେନ୍ଦ୍ର କୁମାର ବେହେରା, ପ୍ରଦ୍ୟୁମ୍ନ ଜୟସିଂହ, ବିଜୟ ସିଂହଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ବିଦାୟୀ ପ୍ରଧାନ ଶିକ୍ଷକଙ୍କ ଗୁଣଗାନ କରିଥିଲେ। ବରିଷ୍ଠ ଶିକ୍ଷକ ଯୁଧିଷ୍ଠିର ମଲ୍ଲିକ ମଞ୍ଚ କାର୍ଯ୍ୟ ପରିଚାଳନା କରିଥିଲେ। ବିଦାୟୀ ପ୍ରଧାନ ଶିକ୍ଷକଙ୍କୁ ମାନପତ୍ର ସହିତ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା।

## ବୈକୁଣ୍ଠ ଉତ୍ସବ ଉଦ୍‌ଘାଟିତ

**ପୁରୀ,୩୦।୬(ସମିସ):** ଲୋକନାଥ ରୋଡ଼ସ୍ଥିତ ଶ୍ରୀରାମଚନ୍ଦ୍ର ସ୍ୱାମୀ ଚାରିଟେବୁଲ ଟ୍ରଷ୍ଟ ଆଶ୍ରମର ଶ୍ରୀବାଲାଜୀ ମନ୍ଦିର ପରିସରରେ ଟ୍ରଷ୍ଟର ପୂର୍ବ ଅଧ୍ୟକ୍ଷ ଶ୍ରୀରାମଚନ୍ଦ୍ର ରାମାନୁଜ ଦାସ (ଥାନାପତି ମହାରାଜ)ଙ୍କର ସ୍ୱର୍ଗାରୋହଣର ଦ୍ୱାଦଶ ବର୍ଷ ସମାପନ ଉପଲକ୍ଷେ ରାମାନୁଜ ସମ୍ପ୍ରଦାୟ ପରମ୍ପରା ଆଧାରରେ ଶ୍ରୀବୈକୁଣ୍ଠ ଉତ୍ସବ ଉଦ୍‌ଘାଟିତ ହୋଇଛି। ଆସନ୍ତା ମଙ୍ଗଳବାର ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ପ୍ରତିଦିନ ବେଦର ସଂହିତା ପାଠ, ବିଷ୍ଣୁ ସହସ୍ର ନାମ, ଗୀତା, ରାମାନୁଜ ବିରୁଦା ବଳି ସହିତ ଦିବ୍ୟ ପ୍ରବନ୍ଧ ପାଠ କରାଯିବ। ଶ୍ରୀରାମଚନ୍ଦ୍ର ରାମାନୁଜ ଦାସଙ୍କର ସ୍ୱପ୍ନକୁ ସାର୍ଥକ କରିବାରେ ଟ୍ରଷ୍ଟ ସତତ ପ୍ରଯତ୍ନଶୀଳ ଅଛି। ଟ୍ରଷ୍ଟ ଅଧ୍ୟକ୍ଷ ମହନ୍ତ ଇନ୍ଦିରା ରମଣ ରାମାନୁଜ ଦାସଙ୍କ ବ୍ୟତୀତ ଅନ୍ୟ ସଦସ୍ୟ ସୁରେଶ ଶର୍ମା, ବିଜୟ ନାରାୟଣ ରାମାନୁଜ ଦାସ, ରମେଶ ଶର୍ମା, ସୁଦର୍ଶନ ରାମାନୁଜ ଦାସ, କମଳ ଟେବରିୱାଲ ଏବଂ ବିଷ୍ଣୁ କୁମାର ଯୋଶୀ ପ୍ରମୁଖ ଉପସ୍ଥିତ ଥିଲେ। ଟ୍ରଷ୍ଟ ବିଭିନ୍ନ ସମାଜ ମଙ୍ଗଳ କାର୍ଯ୍ୟ କରିଆସୁଛି।

## ସତ୍ୟବାଦୀରେ ନିଶା ନିବାରଣ ଓ ଚାରାରୋପଣ କାର୍ଯ୍ୟକ୍ରମ



**ସାକ୍ଷୀଗୋପାଳ,୩୦।୬(ସମିସ):** ସତ୍ୟବାଦୀ ଭାରତ ବିକାଶ ପରିଷଦ ଶାଖା ଓ ତପୋଭୂମି ଟ୍ରଷ୍ଟର ମିଳିତ ସହଯୋଗରେ ସତ୍ୟବାଦୀ ବ୍ଲକ ମୂଳଅଳସା ଉଚ୍ଚ ବିଦ୍ୟାଳୟ ପରିସରରେ ନିଶା ନିବାରଣ ଓ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ସଭାରେ ଇଂ. ବଳରାମ ପଣ୍ଡା, ତପୋଭୂମି ଟ୍ରଷ୍ଟର ସମ୍ପାଦିକା ଚିତରୂପା ଷଡ଼ଙ୍ଗୀ, ଭାରତ ବିକାଶ ପରିଷଦର ରାଜ୍ୟ ସଭାପତି ସତ୍ୟବାଦୀ ଦାଶ, ରାୟଗଡାରୁ ଆସିଥିବା ସମାଜସେବୀ ଟଙ୍କଧର ସାହୁ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ହରପ୍ରିୟା କର, ନିଶା ନିବାରଣ କେନ୍ଦ୍ର ଆସ୍ଥାର ନିର୍ଦ୍ଦେଶକ ଜ୍ୟୋତିରଞ୍ଜନ ଭାରତୀ, ଭାରତ ବିକାଶ ପରିଷଦ ସତ୍ୟବାଦୀ ଶାଖାର ସଭାପତି ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ମନୋରଞ୍ଜନ ମିଶ୍ର ପ୍ରମୁଖ ଯୋଗଦେଇ ନିଶା ସେବନ ଯୋଗୁ ଘରେ ଘରେ ଅଶାନ୍ତି ସହିତ ଦେଶରେ ଅରାଜକତା ଦେଖାଯାଉଛି ବୋଲି ମତ ପ୍ରକାଶ କରିଥଲେ। ସମାଜସେବୀ ଶ୍ରୀ ସାହୁ କହିଥିଲେ ଯେ କାଁହୁଗଡା ଗ୍ରାମର ପିଲାମାନଙ୍କ ପ୍ରଚେଷ୍ଟା ଫଳରେ ଆଜି ଉକ୍ତ ଗ୍ରାମ ନିଶାମୁକ୍ତ ଗ୍ରାମ ହୋଇପାରିଛି। ସେହିପରି ଖାଲି ନିଶାମୁକ୍ତ କରିଦେଲେ ହବନାହିଁ ଆମକୁ ପରିବେଶ ପତି ସଜାଗ ହେବାକୁ ପଡ଼ିବ। ରାସ୍ତାକଡ଼ରେ ଥିବା ଖାଲି ଜାଗାରେ ଗଛ ଲଗାଇବା ସହ ତାର ଯତ୍ନ ନେବାକୁ ଅତିଥିମାନେ ସଚେତନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭାରତ ବିକାଶ ପରିଷଦର ପୂର୍ବପ୍ରାନ୍ତର ମିଡିଆ ପ୍ରଭାରୀ ନିହାର ରଞ୍ଜନ ସ୍ୱାଇଁ, ସମ୍ପାଦକ ନବଘନ ଶତପଥୀ, ଦେବରାଜ ନାଏକ, ଅମୀୟ କୁମାର ସ୍ୱାଇଁ, ଶିକ୍ଷୟିତ୍ରୀ ବନ୍ଦନା ଦାଶ ପ୍ରମୁଖ ବିଦ୍ୟାଳୟ ପରିସରରେ ବିଭିନ୍ନ ଚାରାରୋପଣ କରିଥିଲେ। ଶିକ୍ଷକ ଯୋଗେଶ ଚନ୍ଦ୍ର ନାଏକ ଧନ୍ୟବାଦ ଦେଇଥିଲେ। ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ନାରାୟଣ ପ୍ରଧାନ, ଶିକ୍ଷକ ଅମରେଶ ପରିଡା, ଦୁର୍ଗା ପ୍ରସାଦ ପ୍ରଧାନ, ଶଶାଙ୍କ ଭୋଇ, କଲ୍ୟାଣୀ ନାଏକ, ତୃଷ୍ଣା ପ୍ରଧାନ, କ୍ରିଷ୍ଣା ସାମଲଙ୍କ ସହିତ ସଂଗ୍ରାମ ମହାପାତ୍ର ଓ ଅଭିମନ୍ୟୁ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ■ ବସ୍ ବିକ୍ରୟ ନାମରେ ଠକେଇ ଘଟଣା

## ଗାଡ଼ିକୁ ଅଟକାଇ ଥାନାରେ ଜିମା ଦେଲେ ପରିବାର




**ଗୋପ,୩୦।୬(ସମିସ):** ଗତ ୨୦୧୨ ମସିହାରେ ଗୋପ ଥାନା ଅଧୀନ କୁଶୁପୁର ଗ୍ରାମର ସୁଧାଂଶୁ ଶେଖର ମଲ୍ଲିକ୍‌ଙ୍କୁ ଏକ ବସ୍ କ୍ରୟ କରିବାକୁ କହି ଦେଢ଼ ଲକ୍ଷ ଟଙ୍କା ଠକି ନେଇଥିବାବେଳେ ରବିବାର ସଂପୃକ୍ତ ବସ୍ ଗୋପ ଆସିଥିବା ଜାଣି ବସ୍ ଅଟକାଇ ସପରିବାର ଗୋପ ପୁଲିସ୍‌ର ଜିମା ଦେଇଛନ୍ତି। ଏହା ସହ ବାଉନ୍ସ ଚେକ୍ ସମେତ କିଛି ପ୍ରମାଣପତ୍ର ଦାଖଲ କରିଥିବା ଜଣାପଡ଼ିଛି। ସୂଚନା ମୁତାବକ, ଗୋପ କୁଶୁପୁର ଗ୍ରାମର ସୁଧାଂଶୁ ଶେଖର ମଲ୍ଲିକ୍ ୨୦୧୨ ମସିହାରେ ଏକ ବସ୍ କିଣିବା ଲାଗି ନିଳିମା ମିଶ୍ର ଓ ତାଙ୍କ ସହଯୋଗୀ ସୁବାସ ଚନ୍ଦ୍ର ସାହୁଙ୍କୁ ୧ ଲକ୍ଷ ୫୦ ହଜାର ଟଙ୍କା ପ୍ରଦାନ କରିଥିଲେ। ମାତ୍ର ସେମାନେ ତାଙ୍କୁ ଟଙ୍କା ଫେରାଇ ନଥିଲେ। ବାରମ୍ବାର ସୁଧାଂଶୁ ଟଙ୍କା ମାଗିବା ପରେ ଗତ ୨୦୧୫ ମସିହାରେ ସେମାନେ ଦେଢ଼ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରିଥିଲେ। ମାତ୍ର ଆକାଉଣ୍ଟରେ ଟଙ୍କା ନଥିବାରୁ ଚେକ୍‌ଟି ବାଉନ୍ସ ହୋଇଯାଇଥିଲା। ପୁନର୍ବାର ସୁଧାଂଶୁ ଟଙ୍କା ମାଗିବା ପରେ ନିଳିମା ଓ ସୁବାସ ଉତ୍ତେଜିତ ହୋଇ ଜାତିଆଣ ଆକ୍ଷେପ କରିବା ସହ ଗାଳିଗୁଲଜ କରିଥିବା ଓ ଜୀବନରୁ ମାରିଦେବାକୁ ଧମକ ଦେଇଥିବା ସୁଧାଂଶୁ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି। ତେବେ ରବିବାର ଭୋର ୪ଟା ସମୟରେ ଟଙ୍କା ନେଇଥିବା ବ୍ୟକ୍ତିଙ୍କର ଏକ ବସ୍ ଗୋପ ସେତୁ ନିକଟରେ ଦେଖି ସୁଧାଂଶୁ ଓ ତାଙ୍କ ପରିବାର ଅଟକାଇଥିଲେ। ପରେ ଏନେଇ ସୁଧାଂଶୁ ଗୋପ ଥାନାରେ ଅଭିଯୋଗ କରିଥିବା ଜଣାପଡ଼ିଛି। ଗୋପ ପୁଲିସ୍ ବସ୍‌କୁ ଅଟକାଇ ତଦନ୍ତ ଜାରି ରଖିଥିବା ଜଣାପଡ଼ିଛି।

### ■ ବାଇକ୍-ଅଟୋ ମୁହାଁମୁହିଁ ଧକ୍କା

## ଜଣେ ମୃତ; ୧ ଗୁରୁତର

**ଡେଲାଙ୍ଗ,୩୦।୬(ସମିସ):** ପୁରୀ ଜିଲ୍ଲା ଡେଲାଙ୍ଗ ଥାନା ଅଞ୍ଚଳରେ ରବିବାର ବାଇକ୍-ଅଟୋ ମୁହାଁମୁହିଁ ଧକ୍କା ହେବାରୁ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିବା ବେଳେ ଜଣେ ଗୁରୁତର ଆହତ ହୋଇଛନ୍ତି। ସୂଚନା ମୁତାବକ, ଡେଲାଙ୍ଗ ବ୍ଲକ କୋଠବାଡ଼ ପଞ୍ଚାୟତ ରାମଚନ୍ଦ୍ରପୁର (ଡିହଉପର) ଗ୍ରାମର ଶିବ ଶଙ୍କର ବେହେରା(୨୮) ଓ ଆମିଠିୟ ମହାନ୍ତି(୨୯) ବାଇକ୍ ଯୋଗେ ରାମଚନ୍ଦ୍ରପୁର-ଅରିସାଲ ରାସ୍ତାରେ ଅରିସାଲ ଆଡକୁ ଯାଉଥିବା ବେଳେ ଅମାଳଙ୍ଗ ଛକ ନିକଟରେ ବିପରୀତ ଦିଗରୁ ଆସୁଥିବା ଏକ ଅଟୋ ସହ ମୁହାଁମୁହିଁ ଧକ୍କା ହେବାରୁ ଉଭୟ ରାସ୍ତାରେ ଛିଟିକି ପଡ଼ିଥିଲେ। ସ୍ଥାନୀୟ ଲୋକେ ୨ ଆହତ ବ୍ୟକ୍ତିଙ୍କୁ ଡେଲାଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ଡାକ୍ତର ସେମାନଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରିଥିଲେ। ସେଠାରେ ଡାକ୍ତର ଶିବ ଶଙ୍କରଙ୍କୁ ମୃତ ଘୋଷଣା କରିଥିବା ବେଳେ ଆମିଠିୟ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଥିବା ଜଣାପଡିଛି। ଶବ ବ୍ୟବଚ୍ଛେଦ ପରେ ଗାଁ ଶ୍ମଶାନରେ ଶିବ ଶଙ୍କରଙ୍କ ଅନ୍ତିମ ସଂସ୍କାର କରାଯାଇଛି। ଖବର ପାଇ ଡେଲାଙ୍ଗ ଥାନା ଏସ୍‌ଆଇ କେଳୁଚରଣ ଜେନା ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡ଼ିଗୁଡ଼ିକୁ ଜବତ କରି ତଦନ୍ତ ଚଳାଇଛନ୍ତି।

## ନୟାସବେରା ୟୁଥ୍ ଟ୍ରଷ୍ଟ ପକ୍ଷରୁ ଚାରାରୋପଣ



**ନିମାପଡ଼ା,୩୦।୬(ସମିସ):** ନିମାପଡ଼ାର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ତରଫରୁ ଆଜି ମାଆ ପାଇଁ ଦିନଟିଏ ଉଦ୍ଦେଶ୍ୟରେ ବିଭିନ୍ନ ସ୍ଥାନରେ ଶତାଧିକ ଚାରା ରୋପଣ କରାଯାଇଛି। ଟ୍ରଷ୍ଟର ସଂପାଦକ ନିର୍ମଳ ପରିଜାଙ୍କ ତତ୍ତ୍ୱାବଧାନରେ ଆଜି ନିମାପଡା ସବ୍‌ଜେଲ ପରିସର ଓ ଜନତା ନୋଡାଲ ସ୍କୁଲ ପରିସରରେ ଶତାଧିକ ଔଷଧୀୟ ବୃକ୍ଷ ଓ ଫଳଗଛ ଚାରା ୟୁଥ ଟ୍ରଷ୍ଟର ସଦସ୍ୟମାନଙ୍କ ଦ୍ୱାରା ରୋପଣ କରାଯାଇଛି। ଏହି କାର୍ଯ୍ୟକ୍ରମରେ ନିମାପଡା ଏନ୍‌ଏସି ଉପାଧ୍ୟକ୍ଷ ସନ୍ତୋଷ କୁମାର ଦାଶ, ଜନତା ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ତିଳୋତ୍ତମା ଦାଶ, ଟ୍ରଷ୍ଟର ଉପଦେଷ୍ଟା ପ୍ରତାପ ଚନ୍ଦ୍ର ସାବୁତ, ଜୀବନ ଜ୍ୟୋତି ଶତପଥୀ, ଡଃ. ରବୀନ୍ଦ୍ର ନାଥ ପାଢ଼ୀ, ପୂର୍ବତନ ଅଧ୍ୟାପକ ନୀରଦ ବରଣ ଖୁଣ୍ଟିଆ, ପ୍ରଦୀପ ପତି, ଶରତ ପ୍ରଧାନ, ପ୍ରଦୀପ୍ତ ସ୍ୱାଇଁ, ପୂର୍ଣ୍ଣଚନ୍ଦ୍ର ପାଲ, ମୀନତି ବେହେରା, ପ୍ରିୟଦର୍ଶିନୀ ପତି, ସୋମିତା ଭାଟିଆ, ସୁଲଗ୍ନା, ରଶ୍ମିରେଖା, ଶ୍ରଦ୍ଧାଞ୍ଜଳି, ବିଟୁ, ମୁନି, ହାପି, ଅକ୍ଷୟ, ଶୁଭ୍ରାଂଶୁ ପ୍ରମୁଖ ୩୦ରୁ ଊର୍ଦ୍ଧ୍ୱର୍ କର୍ମକର୍ତ୍ତା ଯୋଗ ଦେଇଥିଲେ।

## ଯୁବକଙ୍କୁ ହତ୍ୟା ଘଟଣାରେ ୨ କୋର୍ଟ ଚାଲାଣ

**ଡେଲାଙ୍ଗ,୩୦।୬(ସମିସ):** ଡେଲାଙ୍ଗ ଥାନା ଗୁଆଚଉକା ରାମଚନ୍ଦ୍ରପୁର ଗ୍ରାମର ବାବୁ ମଲ୍ଲିକଙ୍କୁ ଗୁଳି କରି ହତ୍ୟା କରିବା ଘଟଣାରେ ସମ୍ପୃକ୍ତ ଥିବା ୨ଜଣ ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନା ମୁତାବକ, ରାମଚନ୍ଦ୍ରପୁର ଗ୍ରାମର ବିରଞ୍ଚି ନାରାୟଣ ସିଂହଙ୍କ ସାନ ଝିଅ ଶ୍ରିୟଙ୍କା ସିଂହ ଗତ ୩ବର୍ଷ ତଳେ ସେହି ଗ୍ରାମର ବାବୁ ମଲ୍ଲିକଙ୍କୁ ପ୍ରେମ ବିବାହ କରିଥିଲେ। ଏଥିରେ ଉତ୍‌କ୍ଷିପ୍ତ ହୋଇ ବାପା ବିରଞ୍ଚି ଭଦ୍ରକ ଜିଲ୍ଲା ମାଣିନଗର ଅଞ୍ଚଳର ତାଙ୍କ ବଡ଼ ଭାଇଁ ଦୀପକ କୁମାର ସିଂହଙ୍କ ସହିତ ମିଶି ବାବୁଙ୍କୁ ହତ୍ୟା ପାଇଁ ଷଡ଼ଯନ୍ତ୍ର ରଚିଥିଲେ। ଦୀପକ ତାର ସହଯୋଗୀ କରନ ପଣ୍ଡିତକୁ ସାଙ୍ଗରେ ଆଣି ଏହି ହତ୍ୟାକାଣ୍ଡ ଘଟାଇଥିବା ପୁଲିସ ସୂତ୍ରରୁ ଖବର ମିଳିଛି। ବାବୁ ଡେଲାଙ୍ଗ ହାଟ ବଜାରରୁ ତାଙ୍କ ଦୋକାନ ବନ୍ଦ କରି ଫେରୁଥିବା ବେଳେ ଲୁଣା ନଦୀ ସେତୁ ଉପରେ ଦୀପକ ଓ ସହଯୋଗୀ କରନ ଗୁଳି ଫୁଟାଇ ତାଙ୍କୁ ହତ୍ୟା କରିଥିବା ଶ୍ରିୟଙ୍କା ଥାନାରେ ଅଭିଯୋଗ କରିଥିଲେ। ଏନେଇ ଡେଲାଙ୍ଗ ପୁଲିସ ୨୫୦/୨୪ରେ ଏକ ମାମଲା ରୁଜୁ କରିବା ସହିତ ଭଦ୍ରକରୁ ବିରଞ୍ଚି ଓ ଦୀପକକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ କରନ ଏପର୍ଯ୍ୟନ୍ତ ଫେରାର ରହିଛି। ସେମାନଙ୍କଠାରୁ ଏକ ବାଇକ୍ ଓ ଲୁହାଛଡ଼ ଜବତ ହୋଇଥିବା ଜଣାପଡ଼ିଛି। ଏନେଇ ପିପିଲି ଏସ୍‌ଡିପିଓ ବିରଞ୍ଚି ନାରାୟଣ ପତି ସୂଚନା ଦେଇଛନ୍ତି। ଅନ୍ୟପଟେ କରନକୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଡେଲାଙ୍ଗ ଥାନା ଅଧିକାରୀ ଦେବାଶିଷ ମହାନ୍ତି ସୂଚନା ଦେଇଛନ୍ତି।

# ପାନୀୟ ଜଳ ପ୍ରକଳ୍ପକୁ ବିଦ୍ୟୁତ୍ ସଂଯୋଗ ଦାବି



**ବଳଙ୍ଗା,୩୦।୬(ସମିସ):** ବସୁଧା ଯୋଜନାରେ ପ୍ରତ୍ୟେକ ପରିବାରକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ଉଦ୍ୟମ ଅବ୍ୟାହତ ରହିଛି। ପ୍ରତି ପଞ୍ଚାୟତରେ ଆବଶ୍ୟକତା ଅନୁଯାୟୀ ନିର୍ମାଣ ହେଉଛି ପ୍ରକଳ୍ପ। ଟାଙ୍କି ନିର୍ମାଣ, ପାଇପ୍ ବିଛା, ଗୃହ ନିକଟରେ ଟ୍ୟାପ୍ ସଂଯୋଗ ଅନେକ ସ୍ଥାନରେ ବର୍ଷାଧିକ ହେବ ଶେଷ ହୋଇଥିଲେ ମଧ୍ୟ ବିଦ୍ୟୁତ୍ ସଂଯୋଗ ନହେବାରୁ ଏହା କାର୍ଯ୍ୟକ୍ଷମ ହେଉପାରୁନାହିଁ। ବାରମ୍ବାର ଦାବି ଓ ଗଣମାଧ୍ୟମର ଦୃଷ୍ଟି ଆକର୍ଷଣ ପରେ କିଛି ସ୍ଥାନରେ ବିଦ୍ୟୁତ୍ ଯୋଗାଣ ଟ୍ରାନ୍ସଫର୍ମର ବସିବା ସହ ଆନୁସଙ୍ଗିକ କାର୍ଯ୍ୟ ଶେଷ ହୋଇଥିଲେ ମଧ୍ୟ କରେଣ୍ଟ ସଂଯୋଗ ହୋଇନଥିବା ଜଣାପଡ଼ିଛି। ଜଳସ୍ତର ହ୍ରାସ ଯୋଗୁଁ ଅଧିକାଂଶ ବ୍ୟକ୍ତିଗତ ନଳକୂପଗୁଡ଼ିକ ଅଚଳ ଏବଂ ଗ୍ରାମରେ ଆବଶ୍ୟକତା ଅନୁଯାୟୀ ନଳକୂପ ନଥିବାରୁ ଚାଷ ଜମିରେ ଥିବା ଏଲ୍‌ଆଇ ପଏଣ୍ଟ ନଦୀରୁ ପାନୀୟ ଅନୁପଯୋଗୀ ଜଳ ବ୍ୟବହାର କରି ଲୋକେ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଥିବା ଦୃଷ୍ଟିଗୋଚର ହୋଇଛି। ଅନେକ ପଞ୍ଚାୟତରେ ଏକାଧିକ ଗ୍ରାମକୁ ଟ୍ୟାଙ୍କର ଯୋଗେ ଜଳ ଯୋଗାଣ ହେଉଛି। ଅନେକ ପରିବାର ଆବଶ୍ୟକତାଠାରୁ ଅଧିକ ପାଣି ନେଉଥିବାରୁ ଅପ୍ରୀତିକର ପରିସ୍ଥିତି ଦେଖାଦେଇଛି। ଅନେକ ବ୍ୟକ୍ତି ଗୃହ ନିର୍ମାଣ ନିମନ୍ତେ ଜଳ ନେଉଥିବାରୁ ଅଯଥା ପାନୀୟ ଜଳ ଅପଚୟ ହେଉଛି। ପ୍ରକଳ୍ପ ନଚାଲିବାରେ ଗୃହ ସମ୍ମୁଖରେ ବସିଥିବା ଅଧିକାଂଶ ଟ୍ୟାପ୍ ନଷ୍ଟ ହୋଇଥିବାରୁ ପୁନଶ୍ଚ ମରାମତି ନହେଲେ ଜଳଯୋଗାଣ ବାଧାପ୍ରାପ୍ତ ହେବାର ଆଶଙ୍କା ରହିଛି। ପର୍ଯ୍ୟାପ୍ତ ଅର୍ଥ ବ୍ୟୟରେ ପ୍ରକଳ୍ପ ନିର୍ମାଣ ହୋଇ କାର୍ଯ୍ୟରେ ନଲାଗିବା, ଟ୍ୟାଙ୍କର ଜଳ ଯୋଗାଣ ଯୋଗୁଁ ଅଯଥା ଖର୍ଚ୍ଚ ଓ ଆବଶ୍ୟକୀୟ ପାନୀୟ ଜଳ ମିଳୁନଥିବାରୁ ଅସନ୍ତୋଷ ଦେଖାଦେଇଛି। ବିଭାଗୀୟ ଅଧିକାରୀଙ୍କ ସମନ୍ୱୟ ଅଭାବରୁ ଜଳ ଜୀବନ ମିଶନର ସଫଳତା ନେଇ ଆଶଙ୍କା ଦେଖାଦେଇଛି। ଅନେକ ଗ୍ରାମରେ ଜଳ କଷ୍ଟ ନ ଦେଖିଲେ ବିଶ୍ୱାସ କରି ହେବନାହିଁ। ଥାନା ଅଞ୍ଚଳରେ ପ୍ରାୟ ୧୦ଟି ପ୍ରକଳ୍ପ କାର୍ଯ୍ୟ ଶେଷ ହୋଇଥିଲେ ମଧ୍ୟ କାର୍ଯ୍ୟକ୍ଷମ ହୋଇ ନଥିବା ଜଣାପଡ଼ିଛି। ଏନେଇ ଜିଲ୍ଲାପାଳ ପଦକ୍ଷେପ ନେବାକୁ ସଂପୃକ୍ତ ଗ୍ରାମବାସୀ ଦାବି କରିଛନ୍ତି।

## ଦିନକୁ ଦିନ କମୁଛି ଜଳ ପ୍ରବାହର ପରିମାଣ

# ମହାନଦୀରେ ବ୍ୟାରେଜ୍ ନିର୍ମାଣ କେବେ

ନୟାଗଡ଼, ୩୦।୬(ସମିସ): ନୟାଗଡ଼ ଜିଲ୍ଲାରେ ଭୂତଳ ଜଳସ୍ତର ଦିନକୁ ଦିନ ହ୍ରାସ ଘଟୁଛି। ଜିଲ୍ଲା ଭିତରେ ପ୍ରବାହିତ ହେଉଥିବା ନଦୀ ଓ ନାଳଗୁଡ଼ିକ ମଧ୍ୟ ରସାତଳଗାମୀ ହେଉଛି। ଅନେକ ଛୋଟ ଓ ନାଳରେ ପୂର୍ବ ଭଳି ବନ୍ୟା ସୃଷ୍ଟି ହେଉନଥିବା ବେଳେ ଜୁଣ ଗଛ ନଦୀର ସୌନ୍ଦର୍ଯ୍ୟକୁ ଛାରଖାର କରି ଦେଉଛି। ଜିଲ୍ଲାର ଜୀବନରେଖା କୁହାଯାଉଥିବା ମହାନଦୀ ଛତିଶଗଡ଼ ଚକ୍ରାନ୍ତରେ ଏବେ ଅଣନିଶ୍ୱାସୀ ପାଲଟିଛି। ମହାନଦୀରେ ଦିନକୁ ଦିନ ପ୍ରବାହିତ ଜଳ ପରିମାଣ କମିବାରେ ଲାଗିଛି। ଏଭଳି ସ୍ଥିତିରେ ନୟାଗଡ଼ ଜିଲ୍ଲାବାସୀ ଆଗକୁ କିଭଳି ଜୀବନ ବଞ୍ଚାଇବେ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବିଗତ ଦିନରେ ମହାନଦୀ ଉପରେ ବାରମ୍ବାର ସର୍ଭେ ହୋଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଦ୍ୱିତୀୟ ହୀରାକୁଦ ଦୂରର କଥା ବ୍ୟାରେଜ ନିର୍ମାଣ ହୋଇପାରିନାହିଁ। ପ୍ରଥମେ ୧୯୬୦ ମସିହାରେ ହୀରାକୁଦ ଜଳଭଣ୍ଡାରର ଦ୍ୱିତୀୟ ୟୁନିଟ ଭାବେ ଟିକରପଡ଼ାଠାରେ ମହାନଦୀର ଜଳଭଣ୍ଡାର ନିର୍ମାଣ ହେବା ନେଇ ଯୋଜନା ଆରମ୍ଭ ହୋଇଥିଲା। ଏହାର ଜଳପତନ ୧୩୧ ମିଟର ରଖାଯିବା ପାଇଁ ପ୍ରସ୍ତାବ ଦିଆଯାଇଥିଲା। ସମୁଦ୍ର ପତନଠାରୁ ୮୦ ମିଟର ଉଚ୍ଚରେ ଥିବା ଆଠମଲ୍ଲିକ ଓ ୯୦ ମିଟର





ଉଚ୍ଚରେ ଥିବା ବୌଦ୍ଧର ୭୦ ହଜାର ୮୫୦ ହେକ୍ଟର ବିସ୍ତୃତ ଅଞ୍ଚଳ ଜଳମଗ୍ନ ହେବ ବୋଲି ଆକଳନ ହୋଇଥିଲା। ପରେ ମଣିଭଦ୍ରା ବନ୍ଧ ନିର୍ମାଣ ପାଇଁ ପ୍ରସ୍ତାବ ଆସିଥିଲା। ୧୯୮୨ ପ୍ରଳୟଙ୍କରୀ ବନ୍ୟାରେ ନରସିଂହପୁର, କଟକ, ବାଙ୍କୀ, ଗଣିଆ ଓ ଭାପୁର ବ୍ଲକର ଅନେକ ଅଞ୍ଚଳର ବ୍ୟାପକ କ୍ଷୟକ୍ଷତି ହୋଇଥିଲା। ୧୯୮୪-୮୫ ମସିହାରେ ନରସିଂହପୁରରେ ମହାନଦୀ ଡିଭିଜନ କାର୍ଯ୍ୟାଳୟ ଖୋଲିବା ସହିତ ଅଧିକାରୀ ନିଯୁକ୍ତି ହୋଇଥିଲେ। ମଣିଭଦ୍ରା ବନ୍ଧ ନିର୍ମାଣ ହେଲେ ୧୦ଟି ଗ୍ରାମର ଏକ ହଜାର ୭ ୯ ପରିବାରର ପାଞ୍ଚ ହଜାର ୧୭୭ ଜଣ ବିସ୍ଥାପିତ ହେବେ ବୋଲି ସର୍ଭେରେ ଆକଳନ ହୋଇଥିଲା। ଏତେ ଲୋକଙ୍କୁ ଥଇଥାନ କରିବା କାଠିକର ପାଠ, ତେଣୁ ଏହାକୁ ଲୋକେ ବିରୋଧ କରିବାରୁ କାର୍ଯ୍ୟ ଆଗେଇ ପାରି ନଥିଲା। ଜଳଭଣ୍ଡାର ବଦଳରେ ସୁବଳୟାଠାରେ ନରାଜ ଓ ଯୋବ୍ରା ଭଳି ବ୍ୟାରେଜ ନିର୍ମାଣ କରିବା ପାଇଁ ଲୋକେ ଦାବି କରିଥିଲେ। ଛତିଶଗଡ଼ ସରକାର ମହାନଦୀରେ ବ୍ୟାପକ ବନ୍ଧ ଓ ବ୍ୟାରେଜ ନିର୍ମାଣ କରି ମହାନଦୀ ଜଳକୁ ଅଟକାଇବା ପରେ ସମସ୍ୟା ବଢ଼ିଥିଲା। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ପକ୍ଷରୁ କଟକ ଜିଲ୍ଲା ନରସିଂହପୁର ବ୍ଲକର ଡିମିରିଆଠାରୁ ନୟାଗଡ଼ ଜିଲ୍ଲା ଗଣିଆ ବ୍ଲକର ରାଉତପଡ଼ା ପର୍ଯ୍ୟନ୍ତ ଏବଂ ସୁବଳୟାଠାରୁ ଡଙ୍କାରୀସାହି ପର୍ଯ୍ୟନ୍ତ ଦୁଇଟି ସ୍ଥାନରେ ମାଟି ଓ ପଥର ଆଦି ବିଭିନ୍ନ ପରୀକ୍ଷା ହୋଇଥିଲା। ପାଣିର ଗତି ସହିତ ମାଟି ତଳୁ କ'ଣ ବାହାରୁଛି, ତାହାର ପରୀକ୍ଷା ହୋଇଥିଲା। ଏହାର ରିପୋର୍ଟ ଆସିବା ପରେ ଡିଜାଇନ୍, ଏଷ୍ଟିମେଟ୍ ଓ ଟେଣ୍ଡର କରାଯାଇ କାର୍ଯ୍ୟ ଆରମ୍ଭ ହେବ ବୋଲି ବିଭାଗୀୟ ସୂତ୍ରରୁ ଜଣାପଡ଼ିଥିଲା। ଦୁଇଟି ସ୍ଥାନ ମଧ୍ୟରୁ ଡିମିରିଆ-ରାଉତପଡ଼ା ସ୍ଥାନକୁ ଚିହ୍ନଟ କରାଯାଇଥିଲା। ନିର୍ବାଚନ ପୂର୍ବରୁ ବ୍ୟାରେଜ ନିର୍ମାଣ ହେବାକୁ ରାଜ୍ୟ ସରକାର ଘୋଷଣା କରିଥିଲେ। ଏବେ ସରକାର ବଦଳିବା ପରେ ବ୍ୟାରେଜ ନିର୍ମାଣ ହେବ ନାଁ ନାହିଁ, ତାକୁ ନେଇ ଅନିଶ୍ଚିତତା ଦେଖାଯାଇଛି। ମହାନଦୀରୁ ନୟାଗଡ଼ ଜିଲ୍ଲାର ପ୍ରତ୍ୟେକ ଗାଁକୁ ମେଗା ପାନୀୟ ଜଳ ଯୋଗାଣ ଯୋଜନାରେ ବ୍ୟବସ୍ଥା ହୋଇଥିବା ବେଳେ ଜଳ କେଉଁଠାରୁ ଆସିବ ତାହା ଉପରେ ଗୁରୁତ୍ୱ ଦିଆଯାଉନାହିଁ। ନୟାଗଡ଼ ସହରକୁ ପାନୀୟ ଜଳ ଯୋଗାଣ ସମ୍ଭବ ହୋଇପାରୁନଥିବା ବେଳେ ଜିଲ୍ଲାର ପ୍ରତ୍ୟେକ ଘରକୁ କିଭଳି ମହାନଦୀରୁ ଜଳଯୋଗାଣ ହେବ, ତାହା ମଧ୍ୟ ବୁଝା ପଡ଼ୁନାହିଁ। ହଜାରେ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ କରାଯାଉଥିବା ମେଗା ପାନୀୟ ଜଳ ପ୍ରକଳ୍ପ ଭେଳିକିରେ ପରିଣତ ହେବ ବୋଲି ଆଲୋଚନା ହେଉଛି। ଜିଲ୍ଲା ପ୍ରଶାସନ, ଜିଲ୍ଲାର ସମସ୍ତ ବିଧାୟକ ଏବଂ ରାଜ୍ୟ ସରକାର ଏହା ଉପରେ ଚିନ୍ତା କରିବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି। ଜିଲ୍ଲାକୁ ଜଳକଷ୍ଟରୁ ରକ୍ଷା କରିବା ପାଇଁ ନିହାତି ମହାନଦୀରେ ବ୍ୟାରେଜ ନିର୍ମାଣର ଆବଶ୍ୟକତା ରହିଛି।

## ଦୁଇ ନିଖୋଜ ଛାତ୍ର ଉଦ୍ଧାର

ଭାପୁର, ୩୦।୬(ସମିସ): ଭାପୁର ବ୍ଲକ ବିଜିପୁର ପଞ୍ଚାୟତ ମାଳିବେରେଣୀ ଗ୍ରାମଠାରେ ଥିବା ବ୍ଲକର ଏକମାତ୍ର ଆଶ୍ରମ ସ୍କୁଲ ଅବ୍ୟବସ୍ଥା ମଧ୍ୟରେ ଗତି କରୁଛି। ରବିବାର ଦିନ ଏଠାରୁ ଦୁଇ ଜଣ ଛାତ୍ର ନିଖୋଜ ହୋଇଯାଇଥିବା ଫତେଗଡ଼ ଥାନାରେ ଅଭିଯୋଗ ହୋଇଥିଲା। ଏହି ଆଶ୍ରମ ସ୍କୁଲରେ ପ୍ରଥମ ଶ୍ରେଣୀରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ଅଧ୍ୟୟନ କରନ୍ତି। ମୋଟ ୨୦୫ ଜଣ ଛାତ୍ରଛାତ୍ରୀ ଅନ୍ତେବାସୀ ଏଠାରେ ପାଠ ପଢ଼ୁଛନ୍ତି। ସେମାନଙ୍କୁ ପାଠ ପଢ଼ାଇବା ଓ ଦାୟିତ୍ୱ ନେବାକୁ ୬ ଜଣ ଶିକ୍ଷକ ରହିଛନ୍ତି। ରବିବାର ଦୁଇ ଜଣ ଛାତ୍ର ନିଖୋଜ ହୋଇଯାଇଥିଲେ। ଏନେଇ ଜଣାପଡ଼ିବା ପରେ ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ନାୟକ ଫତେଗଡ଼ ଥାନାରେ ଅଭିଯୋଗ କରିଥିଲେ। ନିଖୋଜ ହୋଇଯାଇଥିବା ଛାତ୍ରଙ୍କ ନାମ ଅଷ୍ଟମ ଶ୍ରେଣୀର ସ୍ୱାଗତମ ଶବର ଓ ଷଷ୍ଠ ଶ୍ରେଣୀର ଛାତ୍ର ଇନ୍ଦ୍ରିମାୟା ରଇତ। ଉଭୟଙ୍କ ଘର ଗଞ୍ଜାମ ଜିଲ୍ଲା ବଡ଼ଗଡ଼ ବୋଲି ଜଣାପଡ଼ିଛି। ଏହି ସ୍କୁଲରେ ଖାଇବା, ରହିବା ଓ ତଦାରଖ କରିବାରେ ବହୁ ବିଭ୍ରାଟ ହେଉଥିବା ଅଭିଯୋଗ ହେଉଛି। ଖବର ଲେଖା ହେବା ବେଳକୁ ଏହି ଦୁଇ ଛାତ୍ରଙ୍କୁ ଶରଣକୁଳ ପୁଲିସ ଅଟକ ରଖିଥିବା ଜଣାପଡ଼ିଛି। ବିଦ୍ୟାଳୟର ଶିକ୍ଷକ ଏହି ଦୁଇ ଛାତ୍ରଙ୍କୁ ଆଣିବାକୁ ଯାଇଥିବା ଜଣାପଡ଼ିଛି।

## ୪ ଗୋରୁ ଉଦ୍ଧାର; ଜଣେ ଗିରଫ

ଗଣିଆ, ୩୦।୬(ସମିସ): ଗଣିଆ ଥାନା ଅନ୍ତର୍ଗତ ଗଣିଆ ତଳବଜାରରେ ରବିବାର ପୂର୍ବାହ୍ନରେ ପୁଲିସ ଗୋଟିଏ ଗୋରୁ ବୋଝେଇ ଟାଟା ଏସି ଜବତ କରିଛି। ଜବତ ଟାଟାଏସିରେ ୪ଟି ଗୋରୁ ଚାଲାଣ ହେଉଥିଲା। ଏହି ଘଟଣାରେ ପୁଲିସ ଜଣଙ୍କୁ ଗିରଫ କରିବା ସହ ଗାଡ଼ିକୁ ଜବତ କରି ତଦନ୍ତ ଜାରି ରଖିଛି। ଗିରଫ ଯୁବକ ଜଣକ ହେଲେ, କଟକ ଜିଲ୍ଲା କାନପୁର ଥାନା ବାଗଧରିଆ ଗ୍ରାମର ସୁଶାନ୍ତ କୁମାର ଦାସ।

## ହାଇୱା ଧକ୍କାରେ ଯୁବକ ମୃତ

ଭାପୁର, ୩୦।୬(ସମିସ): ଭାପୁର ବ୍ଲକ ବାଇପାସ ରାସ୍ତାର କାଳିଗିରି ପୋଲ ନିକଟରେ ଏକ ହାଇୱା ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତ ଯୁବକ ହେଲେ, ମାଷ୍ଟର ଦେବାଶିଷ ସାହୁ(୨୮)। ଫତେଗଡ଼ ଥାନା ବନମାଳୀପୁର ପଞ୍ଚାୟତ ହାଟପଦା ସାହିର ଦେବାଶିଷ ରବିବାର ଅପରାହ୍ନରେ ବାଇକ୍‌ରେ ଭୁବନେଶ୍ୱର ଯାଉଥିଲେ। ଭାପୁର ବାଇପାସ୍ ରାସ୍ତାର କାଳିଗିରି ପୋଲ ନିକଟରେ ଏକ ହାଇୱା ବାଇକ୍‌କୁ ଧକ୍କା ଦେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ବାଙ୍କୋଇ ଫାଣ୍ଡି ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି।

## ଖଡିଆରେ ୧୭ ଟିକିଆ ହାତୀପଲ

ନୟାଗଡ଼, ୩୦।୬(ସମିସ): ନୟାଗଡ଼ ଜିଲ୍ଲା ଦର୍ପନାରାୟଣପୁର ଫାଣ୍ଡି ନିକଟସ୍ଥ ଖଡିଆ ଏବଂ କେନ୍ଦୁଡିପି ଅଞ୍ଚଳରେ ୧୭ ଟିକିଆ ହାତୀପଲ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି କରିଛନ୍ତି। ଦୁଇ ଦିନ ଧରି ହାତୀପଲ ଉକ୍ତ ଅଞ୍ଚଳରେ ବୁଲାବୁଲି କରୁଥିବା ବେଳେ ବନକର୍ମଚାରୀ ଏବଂ ଦର୍ପନାରାୟଣପୁର ଫାଣ୍ଡି ଅଧିକାରୀ ଧର୍ମେନ୍ଦ୍ର ଶିଆଳ ସଦଳବଳେ ହାତୀଙ୍କ ଉପରେ ନଜର ରଖିଛନ୍ତି। ଗତକାଲି ରାତିରେ ଏହି ହାତୀପଲ ବୁଲାବୁଲି କରୁଥିବାରୁ ପୁଲିସ ଓ ବନକର୍ମଚାରୀ ରାତିସାରା ଜାଗ୍ରତ ରହି ସେମାନଙ୍କ ଗତିବିଧି ଉପରେ ନଜର ରଖିଥିବା ଦେଖାଯାଇଛି।

## ରକ୍ତ ଭଣ୍ଡାରରେ ବ୍ୟାପକ ରକ୍ତ ସମସ୍ୟା
## କ୍ୟାମ୍ପ୍ ହେଉନି; ରକ୍ତ ମିଳୁନି

ନୟାଗଡ଼, ୩୦।୬(ସମିସ): ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଅବସ୍ଥିତ ରକ୍ତ ଭଣ୍ଡାରରେ ବ୍ୟାପକ ରକ୍ତ ସମସ୍ୟା କିଛିଦିନ ହେବ ଲାଗି ରହିଛି। ରକ୍ତ ଆବଶ୍ୟକତା ମେଣ୍ଟାଇବା ପାଇଁ ଦିଅ, ନିଅ ନୀତି





ଅବଲମ୍ବନ କରାଯାଇଛି। ଯେଉଁ ରୋଗୀର ରକ୍ତ ଆବଶ୍ୟକ ରହିଛି, ଉକ୍ତ ରୋଗୀ କିମ୍ବା ତାଙ୍କ ସମ୍ପର୍କୀୟଙ୍କୁ ରକ୍ତଦାତା ଯୋଗାଡ଼ କରିବାକୁ ପଡୁଛି। ନୟାଗଡ଼ ରକ୍ତ ଭଣ୍ଡାରରେ ପ୍ରତିବର୍ଷ ୫ ହଜାର ୟୁନିଟ ରକ୍ତ ଆବଶ୍ୟକ ହେଉଥିବା ବେଳେ ବିଭିନ୍ନ ସଂଗଠନ ରକ୍ତଦାନ ଶିବିର ଆୟୋଜନ କରିଥାନ୍ତି। କିନ୍ତୁ ଦୀର୍ଘଦିନ ହେବ ଆଖିଦୃଶିଆ ରକ୍ତଦାନ ଶିବିର ଆୟୋଜନ ହେଉନାହିଁ। ଛୋଟ ଛୋଟ ସଂଗଠନଗୁଡ଼ିକ ଯେଉଁ ଶିବିର ଆୟୋଜନ କରୁଛନ୍ତି, ଉକ୍ତ ଶିବିରରେ ବ୍ୟାପକ ରକ୍ତ ସଂଗ୍ରହ ହୋଇ ପାରୁନାହିଁ। ଫଳରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଆବଶ୍ୟକ ଅନୁସାରେ ରକ୍ତ ମିଳିପାରୁନାହିଁ। ଏବେ ରୋଗୀଙ୍କ ରକ୍ତ ଆବଶ୍ୟକ ହେଲେ ସେ ଜଣେ ଦାତାଙ୍କୁ ଯୋଗାଡ଼ କରିବାକୁ ପଡୁଛି। ଦାତା ରକ୍ତଦାନ କରିବାର ୨୪ ଘଣ୍ଟା ପରେ ବିଭିନ୍ନ ପରୀକ୍ଷା କରାଯାଇ ରୋଗୀକୁ ରକ୍ତ ଦିଆଯାଉଛି। ଜରୁରୀକାଳୀନ ସ୍ଥିତିକୁ ସମ୍ଭାଳିବା ପାଇଁ ରକ୍ତ ଭଣ୍ଡାର ସମର୍ଥ ନୁହେଁ ବୋଲି ସ୍ପଷ୍ଟ ହୋଇଛି। ଯଦି କୌଣସି ସ୍ଥାନରେ ବଡ଼ଧରଣର କିଛି ଅଘଟଣ ଘଟିଲା ଏବଂ ଏଥିପାଇଁ ୫୦ କି ୧୦୦ ୟୁନିଟ ରକ୍ତ ଆବଶ୍ୟକ ହେଲା, ତେବେ ସେହି ସମୟରେ ସାଂଘାତିକ ପରିସ୍ଥିତି ସୃଷ୍ଟି ହେବା ନିଶ୍ଚିତ ବୋଲି ଅନୁମାନ କରାଯାଉଛି। ରକ୍ତ ଭଣ୍ଡାର ଦାୟିତ୍ୱରେ ଥିବା ଅଧିକାରୀଙ୍କ ପରିଚାଳନା ଗତ ତ୍ରୁଟି, ବିଭିନ୍ନ ସଂଗଠନ ଶିବିର ଆୟୋଜନରୁ ଦୂରେଇ ରହିବା ଏଭଳି ସମସ୍ୟାକୁ ବହୁ ଗୁଣିତ କରୁଛି। ଯେଉଁ ସଂଗଠନଗୁଡ଼ିକ ଶିବିର ଆୟୋଜନ କରୁଛନ୍ତି, ସେମାନଙ୍କୁ ଆବଶ୍ୟକ ସୁବିଧା ସୁଯୋଗ ମିଳୁନଥିବା ଅଭିଯୋଗ ହେଉଛି। ଜିଲ୍ଲାପାଳ ଏହା ଉପରେ ସ୍ୱତନ୍ତ୍ର ସମୀକ୍ଷା କରିବା ସହ ରକ୍ତଭଣ୍ଡାର ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ପରିବର୍ତ୍ତନ କରିବା ପାଇଁ ଦାବି ହେଉଛି।

## ଦଶପଲ୍ଲାରେ 'ଡ୍ୟାନ୍ସ ନୟାଗଡ଼ ଡ୍ୟାନ୍ସ' ଅଡିସନ୍



ଦଶପଲ୍ଲା, ୩୦।୬(ସମିସ): ନୟାଗଡ଼ର ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ପରିଷଦ ସୃଜନିକା ପକ୍ଷରୁ ଆଜି ସ୍ଥାନୀୟ ସୀତାରାମ ୟୁଥ୍ କ୍ଲବରେ 'ଡ୍ୟାନ୍ସ ନୟାଗଡ଼ ଡ୍ୟାନ୍ସ' ଅଡିସନ୍ ଅନୁଷ୍ଠିତ ହୋଇଯାଇଛି। ଏହାକୁ ଦଶପଲ୍ଲା ବ୍ଲକ ଅଧ୍ୟକ୍ଷା ସୁନନ୍ଦା ସାହୁ ଉଦ୍‌ଘାଟନ କରିଥିବା ବେଳେ ଇଂ. ପୁନମ୍ ପ୍ରିୟଦର୍ଶିନୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ କ୍ଲବ ସଭାପତି ସୁଜିତ୍ କୁମାର ପ୍ରଧାନ ଓ ସମାଜସେବୀ ଦାମୋଦର ସାହୁ, ଶିକ୍ଷକ ବିଘ୍ନେଶ୍ୱର ବେହେରା ଓ ରଘୁନାଥ ସାହୁ ଯୋଗ ଦେଇଥିଲେ। ଏଥିରେ ୨୩ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ସୋନାଲି ମିଶ୍ର, ଅମ୍ରିତା ସ୍ନେହା ଶ୍ରଦ୍ଧା, ସୌମ୍ୟାଶ୍ରୀ ବେହେରା, ଆର୍ଯ୍ୟଗ୍ରନ୍ଥ ଶତପଥୀ, ସୁଚିସ୍ମିତା ମହାନ୍ତି, ଆଦ୍ୟାଶା ପ୍ରିୟଦର୍ଶିନୀ ସେମି ଫାଇନାଲକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଆସନ୍ତା ସେପ୍ଟେମ୍ବର ୮ ତାରିଖରେ ନୟାଗଡ଼ ସଦର ମହକୁମାଠାରେ ସେମିଫାଇନାଲ ଅନୁଷ୍ଠିତ ହେବ। ସୃଜନିକା ସଭାପତି ପ୍ରଧାନୀ ବୃନ୍ଦାବନ ମହାପାତ୍ର, ଉପସଭାପତି ଅଧ୍ୟାପିକା ନିଳୀମା ନନ୍ଦ ଓ ଟ୍ରଷ୍ଟି ଦେବେନ୍ଦ୍ର ପ୍ରସାଦ ପରମଗୁରୁ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଗୋପୀନାଥ ସେଠୀ, ପ୍ରଧାନୀ ବୃନ୍ଦାବନ ମହାପାତ୍ର ଓ ଦେବେନ୍ଦ୍ର ପ୍ରସାଦ ପରମଗୁରୁ ବିଚାରକ ଭାବେ ଉପସ୍ଥିତ ଥିଲେ। ପରିଷଦର ସଚିବ ଡ. ନିର୍ମଳ ଚନ୍ଦ୍ର ଶୂରଦେଓ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ପ୍ରବନ୍ଧ ଲିଖନ ପ୍ରତିଯୋଗିତାରେ ଶୁଭସ୍ମିତା ପ୍ରଥମ





ନୟାଗଡ଼, ୩୦।୬(ସମିସ): ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଶ୍ରାଦ୍ଧୋତ୍ସବ ଅବସରରେ 'ସମାଜ' ନୟାଗଡ଼ ଜିଲ୍ଲା ଶାଖା ପକ୍ଷରୁ ଜିଲ୍ଲାସ୍ତରୀୟ ପ୍ରବନ୍ଧ ଲିଖନ ପ୍ରତିଯୋଗିତା ବ୍ରଜେନ୍ଦ୍ର ଉଚ୍ଚ ବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପ୍ରତିନିଧି ଉଦିତ୍ ନାରାୟଣ ଦାଶଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସମାଜସେବୀ ପ୍ରମୋଦ ପଟ୍ଟନାୟକ, ନୟାଗଡ଼ ବ୍ଲକ ଶିକ୍ଷାଧିକାରୀ ନିମାଇଁ ଚରଣ ପ୍ରଧାନ, ବ୍ରଜେନ୍ଦ୍ର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଉମାକାନ୍ତ ସେଠୀ ପ୍ରମୁଖ ଯୋଗଦେଇଥିଲେ। ପ୍ରତିଯୋଗିତାରେ ନୟାଗଡ଼ ଜିଲ୍ଲାର ବିଭିନ୍ନ ବ୍ଲକରୁ ୨୪ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ନୟାଗଡ଼ ବ୍ରଜେନ୍ଦ୍ର ଉଚ୍ଚ ବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ରୀ ଶୁଭସ୍ମିତା ରଥ ପ୍ରଥମ, ମଝିଆଖଣ୍ଡ ରଘୁନାଥ ନୋଡାଲ ଉଚ୍ଚ ବିଦ୍ୟାଳୟର ୧୦ମ ଶ୍ରେଣୀ ଛାତ୍ର ଦେବଦତ୍ତ ପ୍ରଧାନ ଦ୍ୱିତୀୟ ଏବଂ ଖଣ୍ଡପଡ଼ା ଓଡ଼ିଶା ଆଦର୍ଶ ବିଦ୍ୟାଳୟର ୯ମ ଶ୍ରେଣୀ ଛାତ୍ରୀ ଇପ୍ସିତା ପଣ୍ଡା ତୃତୀୟ ସ୍ଥାନ ଅଧିକାର କରିଥିଲେ। ବିଚାରକ ଭାବେ ଅବସରପ୍ରାପ୍ତ ଅଧ୍ୟକ୍ଷ ମହମ୍ମଦ ଓମାର ମଲ୍ଲିକ ଏବଂ ଅବସରପ୍ରାପ୍ତ ଅଧ୍ୟକ୍ଷ ଅଶୋକ ନାୟକ ପ୍ରତିଯୋଗୀଙ୍କ ଖାତା ମୂଲ୍ୟାୟନ କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ଅନୁଷ୍ଠାନ ପକ୍ଷରୁ ପ୍ରଶଂସାପତ୍ର ଓ ଅର୍ଥ ପୁରସ୍କାର ପ୍ରଦାନ କରାଯାଇଥିଲା। ନୟାଗଡ଼ ସହର ପ୍ରତିନିଧି ଶୁଭେନ୍ଦୁ କୁମାର ଦାସ ଧନ୍ୟବାଦ ଦେଇଥିଲେ।

## ବାଟ ହୁଡ଼ିଛି 'ଆଦର୍ଶ ଗୁହାଳ' ଯୋଜନା

ଭାପୁର, ୩୦।୬(ସମିସ): ଗୋ-ସମ୍ପଦ ବୃଦ୍ଧି ଓ ସେମାନଙ୍କ ସୁରକ୍ଷା ପାଇଁ ସରକାର ଆଦର୍ଶ ଗୁହାଳ ଯୋଜନା ଜାରି ରଖିଛନ୍ତି। ମାତ୍ର ଭାପୁର ବ୍ଲକରେ ଏହା ଏବେ ବାଟହୁଡ଼ିଛି। ଗତ ଦୁଇ ବର୍ଷ ମଧ୍ୟରେ ଜଣେ ମଧ୍ୟ ଏହି ଯୋଜନାରେ ଉପକୃତ ହୋଇ ନାହାନ୍ତି। ମହାତ୍ମାଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ମାଧ୍ୟମରେ ଏହି ଯୋଜନା ଏକ ମହତ୍ତ୍ୱପୂର୍ଣ୍ଣ ଅଂଶ ଭାବେ ଗଣତି କରାଯାଏ। ମନରେଗା ଯୋଜନାକୁ ଅଧିକ ଲୋକାଭିମୁଖୀ କରିବା ପାଇଁ ୨୦୧୮-୧୯ ମସିହାରେ ମୋ ଗୁହାଳ ଯୋଜନାକୁ ରୂପରେଖ ଦିଆଯାଇଥିଲା। ଯେଉଁ ଚାଷୀଙ୍କର ଏକାଧିକ ଗୋ-ସମ୍ପଦ ରହିଥିବେ ସେମାନେ ଏହି ଯୋଜନା ପାଇଁ ଯୋଗ୍ୟ ହେବା ପାଇଁ ଆବେଦନ କରିବେ। ସେମାନଙ୍କ ମଧ୍ୟରୁ ଯେଉଁମାନେ ଅଧିକ ଯୋଗ୍ୟ ବିବେଚିତ ହେବେ ସେମାନଙ୍କୁ ଆଦର୍ଶ ଗୁହାଳ ଯୋଜନାରେ ଏକ ଲକ୍ଷରୁ ଅଧିକ ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଥାଏ। ଏହି ଯୋଜନା ଆରମ୍ଭ ହେବାର କିଛି ଦିନ ପରେ ଭାପୁର ବ୍ଲକର କିଛି ହାତଗଣତି ଚାଷୀ ସାମିଲ ହୋଇଥିଲେ। ମାତ୍ର, ଗତ ଦୁଇ ବର୍ଷ ହେଲା ବ୍ଲକର ଜଣେ ହେଲେ ବି ଚାଷୀ ସାମିଲ ହୋଇନାହାନ୍ତି କି ଉପକୃତ ହୋଇନାହାନ୍ତି। ଏପରିକି ବ୍ଲକର ୨୦ ପଞ୍ଚାୟତ ମଧ୍ୟରୁ ଅନେକ ପଞ୍ଚାୟତରେ ଯୋଜନା ଆରମ୍ଭ ଦିନଠାରୁ ଜଣେ ହେଲେ ବ୍ୟକ୍ତି ସାମିଲ ନହେବା ସମସ୍ତଙ୍କୁ ଚକିତ କରିଛି। ଏଥିରୁ ଯୋଜନାକୁ ବ୍ଲକ ପ୍ରଶାସନ କେତେ



ଗୁରୁତ୍ୱ ଦେଉଛି ତାହା ଅନୁମାନ କରାଯାଇପାରେ। ଭାପୁର, ଫତେଗଡ଼ ଭଳି ପଞ୍ଚାୟତରେ ୧୫/୨୦ ଗାଇ ରଖିଥିବା ଚାଷୀମାନେ ଏହି ଯୋଜନାରୁ ସୁଫଳ ପାଇବା ପାଇଁ ଚାତକ ପରି ଚାହିଁ ରହିଛନ୍ତି। ସବୁଠାରୁ ବଡ଼ କଥା ହେଲା ମନରେଗା ଯୋଜନାର ଏହା ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ହୋଇଥିଲା ବେଳେ ଏଥିରେ ମେଟେରିଆଲ ଭାଗ ଲେବର ଭାଗଠାରୁ ଅଧିକ ରହୁଥିବାରୁ ଲୋକମାନେ ଟଙ୍କା ପାଇବା ବହୁ ବିଳମ୍ବିତ ହେଉଛି।

## କୌଶଳୀ ଓ ସାହିତ୍ୟ ସୃଜନୀ ତାଲିମ ଶିବିର

ନୟାଗଡ଼, ୩୦।୬(ସମିସ): ନୟାଗଡ଼ ଜିଲ୍ଲା ଶିକ୍ଷା ବିଭାଗ ତରଫରୁ ଇଟାମାଟିସ୍ଥିତ ବାମନ ଅବକାଶ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ତ୍ରିଦିବସୀୟ କୌଶଳୀ ଓ ସାହିତ୍ୟ ସୃଜନୀ ଶିକ୍ଷକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ନୟାଗଡ଼ ବ୍ଲକର ୩୩ଟି ବିଦ୍ୟାଳୟର ବିଜ୍ଞାନ ଏବଂ କଳା ବିଭାଗର ଶିକ୍ଷକ, ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ। ନୟାଗଡ଼ ଜିଲ୍ଲା ଶିକ୍ଷା ଅଧିକାରୀ ରାଜଶ୍ରୀ ପଟ୍ଟନାୟକ ପ୍ରଶିକ୍ଷଣ ଶିବିରର ଉଦ୍‌ଘାଟନ କରି ଶିକ୍ଷକ ଶିକ୍ଷୟିତ୍ରୀମାନେ ପ୍ରଶିକ୍ଷଣର ଗୁଣାତ୍ମକ ଦିଗକୁ ଛାତ୍ରଛାତ୍ରୀଙ୍କ ପାଖରେ ପହଞ୍ଚାଇବା ଦିଗରେ ଯତ୍ନବାନ ହେବା ପାଇଁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟ ପ୍ରଧାନଶିକ୍ଷକ ପ୍ରସନ୍ନ କୁମାର ମହାପାତ୍ର ପ୍ରଶିକ୍ଷଣ ଶିବିରର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ତଥା ପ୍ରଶିକ୍ଷକ, ଏସ.ଆର. ଜିଙ୍କୁ ସ୍ୱାଗତ କରିଥିଲେ। ମୁଖ୍ୟ ପ୍ରଶିକ୍ଷକ ସୁବ୍ରତ ପଢ଼ିହାରୀ ଓ ପ୍ରଦୀପ୍ତ କୁମାର ମହାପାତ୍ର ପରିଚାଳନା କରିଥିଲେ। ପରବର୍ତ୍ତି ସାହିତ୍ୟ ସୃଜନୀ ପ୍ରଶିକ୍ଷଣ ଶିବିରରେ ପ୍ରଶିକ୍ଷକ ଭାବେ ଶିଶିର ନାୟକ, ଗଦାଧର ସ୍ୱାଇଁ ଏବଂ ଏସ.ଆର୍.ଜି ପ୍ରତାପ କୁମାର ପରିଡ଼ା ଶିବିରରେ ଯୋଗ ଦେଇଥିବା ଶିକ୍ଷକ, ଶିକ୍ଷୟିତ୍ରୀଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ଛାତ୍ରଛାତ୍ରୀମାନେ କିଭଳି ଭାବରେ ନିଜର ଅନ୍ତର୍ନିହିତ ଭାବନାକୁ ନିର୍ଦ୍ୱନ୍ଦ୍ୱରେ ପରିପ୍ରକାଶ କରିପାରିବେ, ତାହା ସାହିତ୍ୟ ସୃଜନୀ କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ। ସାହିତ୍ୟ ସୃଜନୀ ଶିବିରରେ ପ୍ରଶିକ୍ଷାର୍ଥୀ ଶିକ୍ଷକ ଶିକ୍ଷୟିତ୍ରୀମାନେ ଦଳଗତ ସଙ୍ଗୀତ, ନୃତ୍ୟ ଓ ନାଟକ ପରିବେଷଣ କରିବା ସହ ମଧୁକର, ଇନ୍ଦ୍ରଧନୁ, ତପସ୍ୱିନୀ, 'ମୋ କଥା ମୋ କାହାଣୀ' ଶୀର୍ଷକ ଚାରିଗୋଟି ହାତ ଲେଖା ବହି ପ୍ରସ୍ତୁତ କରିଥିଲେ। ଶିବିରର ଉଦ୍‌ଯାପନୀ ସମାରୋହରେ ଶିକ୍ଷକ ତଥା ସାହିତ୍ୟିକ ଏବଂ ଓଡ଼ିଶା ସାହିତ୍ୟ ଏକାଡେମୀର ପ୍ରାକ୍ତନ ସଦସ୍ୟ ଶରତ ଚନ୍ଦ୍ର ଆଚାର୍ଯ୍ୟ ଯୋଗଦେଇ ଭାଷା, ସାହିତ୍ୟ ବିଶେଷ ଭାବେ ଶିକ୍ଷା କ୍ଷେତ୍ରରେ ମାତୃଭାଷାର ପ୍ରଭାବ ଉପରେ ଆଲୋକପାତ କରିଥିଲେ। ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ସୁରେନ୍ଦ୍ର କୁମାର ଖଣ୍ଡା ଧନ୍ୟବାଦ ପ୍ରଦାନ କରିଥିଲେ।

## ବ୍ଲକସ୍ତରୀୟ ଜିଜ୍ଞାସା କର୍ମଶାଳା ଉଦ୍‌ଯାପିତ





ଶରଣକୁଳ, ୩୦।୬(ସମିସ): ରାଜ୍ୟ ସରକାରଙ୍କ ପକ୍ଷରୁ ଶିକ୍ଷା କ୍ଷେତ୍ରରେ ବିଜ୍ଞାନ ଶିକ୍ଷାକୁ ଆଖି ଆଗରେ ରଖି ଦକ୍ଷତାର ବିକାଶ ପାଇଁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ଶରଣକୁଳ ନିକଟବର୍ତ୍ତୀ ସୋଲପଟା ନୋଡାଲ ହାଇସ୍କୁଲରେ ବ୍ଲକସ୍ତରୀୟ ଜିଜ୍ଞାସା କର୍ମଶାଳା-୨୦୨୪ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ଗାଁ ବ୍ଲକର ବିଭିନ୍ନ ଉଚ୍ଚବିଦ୍ୟାଳୟର ୩୯ରୁ ଅଧିକ ବିଜ୍ଞାନ ଶିକ୍ଷକ ଯୋଗ ଦେଇଥିଲେ। ତିନି ଦିନ ଧରି ଚାଲିଥିବା ଏହି କର୍ମଶାଳା ୨୮ ତାରିଖରୁ ଆରମ୍ଭ ହୋଇଥିଲା। ଉଦ୍‌ଘାଟନୀ ଉତ୍ସବରେ କର୍ମଶାଳାକୁ ଜିଲ୍ଲା ଶିକ୍ଷାଧିକାରିଣୀ ରାଜର୍ଷି ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ଏଥିରେ ସାରସ୍ୱତ ଲେକ ବିଦ୍ୟାପୀଠ କଜଲାଇପଲ୍ଲୀର ବିଜ୍ଞାନ ଶିକ୍ଷକ ଘନଶ୍ୟାମ ରାଉତ ମାଷ୍ଟର ଟ୍ରେନର ଭାବେ ତାଲିମ ପ୍ରଦାନ କରିଥିବା ବେଳେ ଶିକ୍ଷକ ସୁଶାନ୍ତ କୁମାର ପ୍ରଧାନ ଓ ମନୋଜ କୁମାର ଶତପଥୀ ସହଯୋଗ କରିଥିଲେ। ଆଜି କର୍ମଶାଳାର ଉଦ୍‌ଯାପନୀ ଉତ୍ସବରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଡ. ଗିରୀଜା ମହାପାତ୍ର ଅତିଥି ଭାବେ ଯୋଗଦେଇ ତାଲିମ ଗ୍ରହଣକାରୀ ଶିକ୍ଷକ, ଶିକ୍ଷୟିତ୍ରୀ ଓ ତାଲିମଦାତା ଶିକ୍ଷକମାନଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ।

## ଜବରଦଖଲରେ ବାଇଗୁଣିଆ ବସ୍‌ଷ୍ଟାଣ୍ଡ

ଭାପୁର, ୩୦।୬(ସମିସ): ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ବାଇଗୁଣିଆ ଗ୍ରାମ ନିକଟରେ ପଠାଣି ସାମନ୍ତ ମହାବିଦ୍ୟାଳୟ ସମ୍ମୁଖରେ ଥିବା ବସ୍‌ଷ୍ଟାଣ୍ଡ ଏବେ ଜବରଦଖଲରେ ରହିଛି। ଏନେଇ ସ୍ଥାନୀୟ ପ୍ରଶାସନ ନିରବଦ୍ରଷ୍ଟା ସାଜିଛି। ଏହି ବସ୍‌ଷ୍ଟାଣ୍ଡ ସମ୍ପ୍ରସାରଣ ପାଇଁ ରହିଥିବା ଜମିରେ ଏବେ ନିର୍ମାଣ ହେଉଛି ଦୁଇ ମହଲା କୋଠାଘର। ଭାପୁର ବ୍ଲକର ସବୁଠାରୁ

### ପ୍ରଶାସନ ନିରବଦ୍ରଷ୍ଟା

ବ୍ୟସ୍ତ ବହୁଳ ଓ ଦ୍ରୁତ ଭାବେ ବଢ଼ୁଥିବା ବଜାର ହେଲା ବାଇଗୁଣିଆ ବାହାଡା ବଜାର। ଏହି ବଜାର ଉପରେ ରହିଛି ଜିଲ୍ଲାର ଦ୍ୱିତୀୟ ବୃହତ୍ତମ କଲେଜ। ପ୍ରତିଦିନ ଏହି କଲେଜକୁ ଦୁଇ ହଜାରରୁ ଅଧିକ ଛାତ୍ରଛାତ୍ରୀ ଅଧ୍ୟୟନ କରିବାକୁ ଆସନ୍ତି ଓ ସେମାନେ କଲେଜ ସମ୍ମୁଖରେ ଥିବା ବସ୍‌ଷ୍ଟାଣ୍ଡ ଉପରେ ନିର୍ଭର କରିଥାନ୍ତି। ୨୦ ବର୍ଷ ପୂର୍ବେ ବାଇଗୁଣିଆ ଗ୍ରାମବାସୀଙ୍କ ଉଦ୍ୟମରେ ଏହି ବସ୍‌ଷ୍ଟାଣ୍ଡ ନିର୍ମାଣ ହୋଇଥିଲା। ଯାହାକୁ ଗତବର୍ଷ ରାଜ୍ୟ ସରକାରଙ୍କ ଅନୁଦାନରୁ ଆଧୁନିକୀକରଣ କରାଯାଇଛି। ବର୍ତ୍ତମାନ ଫତେଗଡ଼ଠାରୁ ଖଣ୍ଡପଡ଼ା ପର୍ଯ୍ୟନ୍ତ



ରାସ୍ତା ପ୍ରଶସ୍ତୀକରଣ କାର୍ଯ୍ୟ ଆରମ୍ଭ ହେବାକୁ ଯାଉଛି। ଏହି ବସ୍‌ଷ୍ଟାଣ୍ଡଟି ପ୍ରଶସ୍ତୀକରଣ ସମୟରେ ବସ୍‌ଷ୍ଟାଣ୍ଡ ପାଇଁ ଥିବା ଜମିର ପଛକୁ ଘୁଞ୍ଚିଥାନ୍ତା। ମାତ୍ର ଜଣେ ଦୁଇ ଜଣ ବ୍ୟକ୍ତି ଏହି ବସ୍‌ଷ୍ଟାଣ୍ଡ ପଛପଟେ ଥିବା ଜମିରେ ଏବେ ଅବୈଧ ଭାବେ କୋଠାଘର ନିର୍ମାଣ କରୁଛନ୍ତି। ଯାହାକୁ ନେଇ ସ୍ଥାନୀୟ ଜନସାଧାରଣ ଓ ଛାତ୍ରଛାତ୍ରୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ସୃଷ୍ଟି ହୋଇଛି। ଏନେଇ ଭାପୁର ତହସିଲଦାର ତୁରନ୍ତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

# ଦେଶୀମଦ ଜବତ; ୩ ବେପାରୀ ଗିରଫ

**ଟାଙ୍ଗୀ, ୩୦।୬(ସମିସ):** ମଦବେପାରୀ ନୂତନ ପ୍ରୟାସ ଆରମ୍ଭ କରି ସେମାନଙ୍କ କାରବାର ଚଳାଇ ଆସିଥିବା ବେଳେ ଶେଷରେ ଅବକାରୀ ବିଭାଗ ୩ ଜଣ ଚୋରା ମଦ ବେପାରୀଙ୍କୁ ଗିରଫ କରିଛି। ଟାଙ୍ଗୀ ଥାନା ଜରିପଡ଼ା ଗ୍ରାମରେ ଏହିଭଳି ବିଚିତ୍ର ଘଟଣାର ପର୍ଦ୍ଦାଫାସ ହୋଇଛି। ଏହି ମଦୁଆ ଓ ମଦ ବେପାରୀମାନେ ସନ୍ଧ୍ୟା ହେଲେ ଜରିପଡ଼ା ଗ୍ରାମର ରଘୁନାଥ ରାୟଙ୍କ ଘରଠାରୁ ଦଳ ବେହେରା ସାହି ଛକ ପର୍ଯ୍ୟନ୍ତ ରାସ୍ତା ପାର୍ଶ୍ୱରେ ବିଦ୍ୟୁତ ଆଲୋକକୁ ଲିଭାଇ ଦିଅନ୍ତି। ଫଳରେ ସେହି ଅଞ୍ଚଳଟି ସମ୍ପୂର୍ଣ୍ଣ ଅନ୍ଧକାର ହୋଇଯାଏ। ଏହି ଅନ୍ଧକାରର ସୁଯୋଗ ନେଇ ଉଭୟ ମଦୁଆ ଓ ମଦବେପାରୀ ସେମାନଙ୍କ କାର୍ଯ୍ୟ ଅତ୍ୟନ୍ତ ଚତୁରତାର ସହ ଚଳାଇ ଆସୁଥିଲେ। ସେଠାକାର ବାସିନ୍ଦାମାନେ ଏହି ଅନ୍ଧକାର ସମ୍ପର୍କରେ କୌଣସି ସୂଚନା ପାଇପାରୁନଥିଲେ। ତେବେ ଅବକାରୀ ବିଭାଗ କୌଣସି ସୂତ୍ରରୁ ଖବର ପାଇ ଏହି ଅଞ୍ଚଳରେ ଚଢ଼ଉ କରି ୪୫ ଲିଟର ଦେଶୀମଦ ଜବତ କରିବା ସହିତ ୩ ଜଣ ମଦ ବେପାରୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଜରିପଡ଼ା ଦଳବେହେରା ସାହିର ଜଗନ ବଳବନ୍ତରାୟ, ପପୁ ପ୍ରଧାନ ଓ ରାଜେନ୍ଦ୍ରପୁରର ବିଜୟ ନାଥ। ଏହି ଚଢ଼ଉରେ ବାଲୁଗାଁ ଅବକାରୀ ବିଭାଗର ଭାରପ୍ରାପ୍ତ ଅଧିକାରୀ ସମିତା ପଣ୍ଡାଙ୍କ ସମେତ ଏସ୍ଆଇ ସୁନତୀ ମହାନ୍ତି ଓ କର୍ମଚାରୀମାନେ ସାମିଲ ଥିଲେ।

# ପୋଖରୀରେ ବୁଡ଼ି ନାବାଳକ ମୃତ

**ଖୋର୍ଦ୍ଧା, ୩୦।୬(ସମିସ):** ଶିକ୍ଷାଞ୍ଚଳ ଥାନା ବଧା ପୋଖରୀରେ ଆଜି ପୂର୍ବାହ୍ନରେ ସ୍ନାନ କରୁଥିବାବେଳେ ପାଣିରେ ବୁଡ଼ି ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ, ବେଗୁନିଆ ବାଦବାରବାଟି ତଥା ଜେମାଦେଇ ହାଉସିଂବୋର୍ଡ କଲୋନୀରେ ରହୁଥିବା ସୁଶାନ୍ତ ରାଉତରାୟଙ୍କ ପୁଅ ସୁନୀଲ ରାଉତରାୟ (୧୪)। ସୂଚନା ଅନୁସାରେ, ସାମନ୍ତରାପୁର-ବରୁଣେଇ ରାସ୍ତାରେ ଥିବା ବଧା ପୋଖରୀକୁ ସୁନୀଲ ଆଜି ସ୍ନାନ କରିବାକୁ ଆସିଥିଲେ। ଅସାବଧାନତା ହେତୁ ଗୋଡ଼ ଖସିଯିବାରୁ ସେ ଗଭୀର ପାଣି ଭିତରକୁ ପଶିଯାଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଖୋର୍ଦ୍ଧା ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଶିକ୍ଷାଞ୍ଚଳ ଥାନା ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

**ଲଗାଣ ବର୍ଷାରେ ଜନଜୀବନ ଅସ୍ତବ୍ୟସ୍ତ**

# ରାସ୍ତାରେ ଲହଡ଼ି ମାରୁଛି ବର୍ଷା ପାଣି

**ଖୋର୍ଦ୍ଧା, ୩୦।୬(ସମିସ)**

ଜାରି ରହିଛି ଲଘୁଚାପ ବର୍ଷା। ଆକାଶକୁ କଳାବାଦଲ ଘୋଟାଇ ରଖିଥିବାବେଳେ ଠାଏ ଠାଏ ନିର୍ଧୁମ ବର୍ଷୁଛି। ଜିଲ୍ଲାବ୍ୟାପୀ ଅଧିକାଂଶ

## ଟାଙ୍ଗୀରେ ସର୍ବାଧିକ, ବାଣପୁର ଓ ଚିଲିକା ବ୍ଲକରେ ସର୍ବନିମ୍ନ



ରାସ୍ତାଘାଟରେ ବର୍ଷାପାଣି ଜମିଥିବାବେଳେ ଶୁଖିଲା ପଡ଼ିଥିବା କୂଅ ପୋଖରୀ ମଧ୍ୟ ଜଳପୂର୍ଣ୍ଣ ହୋଇଥିବା ଦେଖାଯାଇଛି। ଜିଲ୍ଲାର ସମସ୍ତ ବ୍ଲକ ଅଞ୍ଚଳରେ ଆଜି ସକାଳ ୮ଟା ସୁଦ୍ଧା ହାରାହାରି ୩୩.୪୪ ମିମି ବର୍ଷା ରେକର୍ଡ ହୋଇଥିବା ଜିଲ୍ଲା ଜରୁରୀକାଳୀନ ବିଭାଗ ତଥ୍ୟ କହୁଛି। ଟାଙ୍ଗୀ ବ୍ଲକରେ ସର୍ବାଧିକ ୭୮ ମିମି ବର୍ଷା ରେକର୍ଡ ହୋଇଥିବାବେଳେ ସର୍ବନିମ୍ନ ୧୭ମିମି ଲେଖାଏଁ ବର୍ଷା ଚିଲିକା ଓ ବାଣପୁର ବ୍ଲକରେ ହୋଇଛି। ବାଲିଅନ୍ତାରେ ୨୮ମିମି., ବାଲିପାଟଣାରେ ୨୫ମିମି, ଭୁବନେଶ୍ୱର ବ୍ଲକରେ ୧୯.୨ମିମି., ବେଗୁନିଆରେ ୬୪ମିମି, ବୋଲଗଡ଼ରେ ୨୭ମିମି, ଖୋର୍ଦ୍ଧାରେ ୪୪ମିମି, ବିଏମ୍‌ସି (ହେଡ୍‌କ୍ୱାର୍ଟର) ଅଞ୍ଚଳରେ ୩୪ମିମି, ବିଏମ୍‌ସି ସାଉଥ ଇଷ୍ଟ ଜୋନ୍‌ରେ ୩୮ମିମି, ସାଉଥ ୱେଷ୍ଟ ଜୋନ୍‌ରେ ୪୧ମିମି ଓ ନର୍ଥ ଜୋନ୍‌ରେ ୧୬ମିମି ବର୍ଷା ହୋଇଥିବା ରେକର୍ଡ ହୋଇଛି।

ତେବେ ଦିନସାରା ପାଗ କୋହଲା ଥିବାବେଳେ ମଝିରେ ମଝିରେ ବର୍ଷା ହୋଇଥିଲା। ତୁହାକୁ ତୁହା ବର୍ଷା ଜନଜୀବନ ଅସ୍ତବ୍ୟସ୍ତ କରିଦେଇଛି। ଅଧିକାଂଶ ରାସ୍ତାଘାଟ ଶୂନ୍‌ଶାନ୍ ହୋଇଯାଇଥିବା ବେଳେ ଲଗାଣ ବର୍ଷା ଫଳରେ ଅଧିକାଂଶ ଲୋକ ଘରୁ ପଦାକୁ ବାହାରିପାରିନଥିବା ଜଣାଯାଇଛି। ଖୋର୍ଦ୍ଧା ବରୁଣେଇ ଛକ ଓ ଜଟଣୀ ଭୂତଳ ରାସ୍ତା ଅବସ୍ଥା ନ କହିଲେ ଭଲ। ଗତ ବର୍ଷା ଭଳି ଖୋର୍ଦ୍ଧା-ଜଟଣୀ ବାଇପାସ୍‌ଠାରେ ଅନୁରୂପ ଅବସ୍ଥା ସୃଷ୍ଟିହୋଇଛି। ସହର ଓ ଉପକଣ୍ଠରେ ଡ୍ରେନେଜ ଠିକଭାବେ ସଂଯୋଗୀକରଣ ନଥିବାରୁ ରାସ୍ତା ଉପରେ ବର୍ଷାଜଳ ଲହଡ଼ି ମାରୁଥିବା ଦେଖାଯାଇଛି। ଖୋର୍ଦ୍ଧାର ବିଭିନ୍ନ ତଳିଆ ଅଞ୍ଚଳର ବହୁ ଘର ଜଳମଗ୍ନ ହୋଇଥିବା ଜଣାଯାଇଛି। ମଲାଗୁଣୀ ନଦୀ କୂଳରେ ଥିବା ଜଙ୍କିଆ, ଗୋଳବାଇ, ରାମେଶ୍ୱର, ନିରାକାରପୁର ପ୍ରମୁଖ ପଞ୍ଚାୟତର କେତେକ ଚାଷଜମି ଜଳମଗ୍ନ ହୋଇପଡ଼ିଥିବା ବେଳେ ଟାଙ୍ଗିଆପଡ଼ା, ଅରାଙ୍ଗ, ମହୁଲ, ମାଜଣା, ଜରିପୁଟ, କାଇପଦର, ପାନବରଜ, ନାଳିପଡ଼ାଅର୍ଜୁନ ସମେତ ଅନେକ ଅଞ୍ଚଳର ଚାଷଜମି ଜଳମଗ୍ନ ହୋଇଥିବା ଦେଖାଯାଇଛି।

# ଚିଲିକାରେ କ୍ରସ୍ କଣ୍ଟ୍ରି ଚାମ୍ପିଅନସିପ୍

**ବାଲୁଗାଁ, ୩୦।୬(ସମିସ):** ଭାରତୀୟ ନୌସେନା ତାଲିମକେନ୍ଦ୍ର ଚିଲିକା ପରିସରରେ ପ୍ରତିରକ୍ଷା କର୍ମଚାରୀ, ସାଧାରଣ ନାଗରିକ ଓ ସେମାନଙ୍କ ପରିବାର ସଦସ୍ୟଙ୍କୁ ନେଇ ଆନ୍ତଃ ଡିଭିଜନାଲ କ୍ରସ୍ କଣ୍ଟ୍ରି ଚାମ୍ପିଅନସିପ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରତିରକ୍ଷା କର୍ମଚାରୀ, ସାଧାରଣ ନାଗରିକ ଓ ସେମାନଙ୍କ ପରିବାରର ବିଭିନ୍ନ ବୟସ ବର୍ଗର ୧୮ ଶହରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରି ଟ୍ରଫି ହାସଲ କରିବା ନିମନ୍ତେ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ଏହି ପ୍ରତିଯୋଗିତାକୁ ଚିଲିକା ନୌସେନା କମାଣ୍ଡିଂ ଅଫିସର କମୋଡୋର ଏନପି ପ୍ରଦୀପ ପତାକା ଦେଖାଇ ଉଦ୍‌ଘାଟନ କରିବା ସହ ବିଜେତାଙ୍କୁ ପୁରସ୍କୃତ କରିଥିଲେ। ଏଥିରେ ଅଂଶଗ୍ରହଣ କରିଥିବା ପ୍ରତିଯୋଗୀମାନେ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିଲେ।

ଏହି ପ୍ରତିଯୋଗିତାରେ ପ୍ରତ୍ୟେକ ବର୍ଗର ଶ୍ରେଷ୍ଠ ବିବେଚିତ ୩ ଜଣ ବିଜୟୀ ପ୍ରତିଯୋଗୀମାନଙ୍କୁ ପଦକ ଓ ମାନପତ୍ର ପ୍ରଦାନ କରାଯାଇଥିଲା। ଶିବାଜୀ ବିଭାଗ ସାମଗ୍ରିକ ବିଜେତା ଭାବେ ବିବେଚିତ ହୋଇ ଟ୍ରଫି




ହାସଲ କରିଥିବା ବେଳେ ବିକ୍ରମାଦିତ୍ୟ ଡିଭିଜନ୍ ଦ୍ୱିତୀୟ ସ୍ଥାନ ଅଧିକାର କରି ରନର୍ସଅପ୍ ହୋଇଥିଲେ। ନୌସେନାର ବିଭାଗୀୟ କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ସରପଞ୍ଚ ସଂଘ ପକ୍ଷରୁ ସମ୍ବର୍ଦ୍ଧନା ଉତ୍ସବ



**ବେଗୁନିଆ, ୩୦।୬(ସମିସ):** ବେଗୁନିଆ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ବେଗୁନିଆ ସରପଞ୍ଚ ସଂଘ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଛି। ଏଥିରେ ବିଡିଓ ଲକ୍ଷ୍ମୀଧର ସାହୁ, ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି, ପଞ୍ଚାୟତ ଉନ୍ନୟନ ଅଧିକାରୀ ନୀଳକଣ୍ଠ ମାନସିଂହ, କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ସୁସ୍ମିତା ମିଶ୍ର ଓ ଜଳ ଯୋଗାଣ ଯନ୍ତ୍ରୀ ସରିତା ଦାଶଙ୍କ ସମେତ କର୍ମଚାରୀମାନଙ୍କୁ ଉତ୍ତରୀୟ ଓ ଫୁଲତୋଡ଼ା ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହା ସହିତ ନୂତନ ଭାବେ କାର୍ଯ୍ୟରେ ଯୋଗ ଦେଇଥିବା ପଞ୍ଚାୟତ ଉନ୍ନୟନ ଅଧିକାରୀ ଇତିଶ୍ରୀ ବେହେରାଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରିଥିଲେ। ସରପଞ୍ଚ ଲାବଣ୍ୟ ଜୟସିଂହ, ଲତା ସେଠୀ, କରୁଣାକର ଦଳସିଂହରାୟ, ଆରତ ମାଝୀ, ଅକ୍ଷୟ କୁମାର ରାଉତରାୟ ଓ ପ୍ରମୋଦ କୁମାର ଦଳେଇଙ୍କ ସମେତ ସମସ୍ତ ସରପଞ୍ଚ ଉପସ୍ଥିତ ଥିଲେ।

# ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



**ବେଗୁନିଆ, ୩୦।୬(ସମିସ):** ବେଗୁନିଆ ବ୍ଲକ ଗଡ଼ମଣିତିର ଗ୍ରାମସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ପୁଷ୍ପାଙ୍ଗିନୀ ଦାସଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ବାୟୁସେନା କର୍ମଚାରୀ ଦାଶରଥି ରାଉତରାୟଙ୍କ ଅଧ୍ୟକ୍ଷତାରେ ବିଧାୟକ ପ୍ରଦୀପ କୁମାର ସାହୁ ମୁଖ୍ୟ ଅତିଥି, ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାସ୍କର ଲେଙ୍କା ମୁଖ୍ୟବକ୍ତା, ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି, ଏବିଇଓ ଲକ୍ଷ୍ମୀ ଦେଇ, ସରପଞ୍ଚ କରୁଣାକର ଦଳସିଂହରାୟ, ସମିତି ସଭ୍ୟ ସଦାଶିବ ସୁନ୍ଦରାୟ, ଶିକ୍ଷାବିତ୍ ସୁଶାନ୍ତ କୁମାର ପ୍ରତିହାରୀ, କୈଳାଶ ଚନ୍ଦ୍ର ତ୍ରିପାଠୀ, କୈଳାଶ ଚନ୍ଦ୍ର ମାଣ୍ଡୋଇ, ଓଏଏସ ସୁଶାନ୍ତ କୁମାର ସିଂହ, ପ୍ରଧାନଶିକ୍ଷକ ଗଣେଶ୍ୱର ମିଶ୍ର ଓ ଶିକ୍ଷକ ରତିକାନ୍ତ କହଲସିଂହ ପ୍ରମୁଖ ଯୋଗଦେଇ ଶିକ୍ଷକ ବିଦ୍ୟାର୍ଥୀମାନଙ୍କୁ ଶୃଙ୍ଖଳିତ ଜୀବନଯାପନ କରିବା ପାଇଁ ପଥ ଦେଖାଇ ଥାନ୍ତି ବୋଲି ମତ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ, ବିଦ୍ୟାଳୟ ପରିଚାଳନା କମିଟିର ସଭ୍ୟ/ସଭ୍ୟା ଓ ମୋ ସ୍କୁଲ କମିଟିର ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

# ବକ୍ସି ଜଗବନ୍ଧୁ ଉଚ୍ଚ ଇଂରାଜୀ ବିଦ୍ୟାଳୟର ସମାବର୍ତ୍ତନ ଉତ୍ସବ ପାଇଁ ପ୍ରସ୍ତୁତି ବୈଠକ

**ଖୋର୍ଦ୍ଧା, ୩୦।୬(ସମିସ):** ସ୍ଥାନୀୟ ବକ୍ସି ଜଗବନ୍ଧୁ ଉଚ୍ଚଇଂରାଜୀ ବିଦ୍ୟାଳୟର ୧୨୫ ବର୍ଷ ପୂର୍ତ୍ତି ଉତ୍ସବ ପାଳନ କରିବା ପାଇଁ ଏକ ପ୍ରସ୍ତୁତି ବୈଠକ ପୁରାତନ ଛାତ୍ର ସଂସଦ ପକ୍ଷରୁ ବିଦ୍ୟାଳୟର ପୁରତନ ଛାତ୍ର ତଥା ପ୍ରାକ୍ତନ ଆରକ୍ଷୀ ଅଧୀକ୍ଷକ ଦେବପ୍ରସାଦ ମଜୁମଦାରଙ୍କ ଆବାହକତ୍ୱରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଏହି ବିଦ୍ୟାଳୟର ଦୁଇ ଦିବଙ୍ଗତ ଛାତ୍ର ଦୀପକ ଦାସ ଓ ଶ୍ରୀଧର ବେହେରାଙ୍କ ପାଇଁ ୧ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା।

ପୁରାତନ ଛାତ୍ର ସଂସଦର ସଭାପତି ତଥା ପୂର୍ବତନ ବିଧାୟକ ଜ୍ୟୋତିରିନ୍ଦ୍ରନାଥ ମିତ୍ର ଏଥିରେ ସଭାପତିତ୍ୱ କରିଥିଲେ। ୧୨୫ତମ ସମାବର୍ତ୍ତନ ଉତ୍ସବ କିପରି ମହାସମାରୋହରେ ପାଳନ କରାଯିବ ସେ ସମ୍ପର୍କରେ ସବିଶେଷ ଆଲୋଚନା ହୋଇଥିଲା। ପ୍ରାକ୍ତନ ଛାତ୍ର ତଥା କମିଟିର ଉପଦେଷ୍ଟା ଅରବିନ୍ଦ ନାଥ ମିତ୍ର, ଅନ୍ୟତମ ଉପଦେଷ୍ଟା ଡକ୍ଟର ବିଜୟ କେତନ ପଟ୍ଟନାୟକ, ଡକ୍ଟର ରାଜକିଶୋର ପରମଗୁରୁ, ପୁରାତନ ଛାତ୍ର ସଂସଦ ସମ୍ପାଦକ ଗୋପାଳ କୃଷ୍ଣ ଦାସ, ଉମାଶଙ୍କର ପ୍ରସାଦ, ଲକ୍ଷ୍ମୀ ନାରାୟଣ ଭଞ୍ଜ ଓ ସତ୍ୟବ୍ରତ ଦାସ ଯୋଗଦେଇ ବିଭିନ୍ନ ବିଷୟରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିମଳ ଚନ୍ଦ୍ର ଷଡ଼ଙ୍ଗୀ, ଜବାହାରଲାଲ ସୁବୁଦ୍ଧି, ଦିଲ୍ଲୀପ କୁମାର ପଟ୍ଟନାୟକ, ବିଧାନଚନ୍ଦ୍ର ମହାନ୍ତି, ଉମେଶ ଚନ୍ଦ୍ର ଖଟାଇ, ପ୍ରମୋଦ କୁମାର ମେକପ୍, ନବ କିଶୋର ମିଶ୍ର, ବୈକୁଣ୍ଠନାଥ ରାଜଗୁରୁ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଭାକର ସାହୁ, ସନ୍ତୋଷ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ସମାବର୍ତ୍ତନ ଉତ୍ସବକୁ କିପରି ସୁଚାରୁଭାବେ ସମାପନ କରାଯିବ ସେନେଇ ମତାମତ ପ୍ରଦାନ କରିଥିଲେ। ସର୍ବସମ୍ମତି କ୍ରମେ ଆସନ୍ତା ଅକ୍ଟୋବର ୨୬, ୨୭ ଓ ୨୮ ତାରିଖ ତିନି ଦିନ ଧରି ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ବୈଠକରେ ସ୍ଥିର ହୋଇଛି। ଏହି ଅବସରରେ ବିଦ୍ୟାଳୟର ପୁରାତନଛାତ୍ର ତଥା ଆଲୁମ୍ନି କମିଟିର ଉପଦେଷ୍ଟା ବିଜୟ କେତନ ପଟ୍ଟନାୟକଙ୍କ ଦ୍ୱାରା ରଚିତ 'ପଛକୁ ଫେରି ଚାହିଁଲେ' ଉନ୍ମୋଚିତ ହୋଇଥିଲା। ଉମାଶଙ୍କର ପ୍ରସାଦ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ୟୁ-ଟ୍ୟୁବ୍ ସାଜିଛି ରୋଜଗାରର ମାଧ୍ୟମ

**ବେଗୁନିଆ, ୩୦।୬(ସମିସ):** ବର୍ତ୍ତମାନ ସମୟରେ ରୋଜଗାର କରିବା ପାଇଁ ଯୁବକମାନେ ସାମାଜିକ ଗଣମାଧ୍ୟମ ଇନ୍‌ଷ୍ଟାଗ୍ରାମ, ଫେସବୁକ୍ ଓ ୟୁ-ଟ୍ୟୁବ୍ ଭଳି ପନ୍ଥାକୁ ଆପଣେଇଛନ୍ତି। ଏଥିରେ ବେଶ ଦୁଇ ପଇସା ପାଇ ପରିବାରର ଆର୍ଥିକ ବୋଝକୁ ଲାଘବ କରିବାରେ ସକ୍ଷମ ହୋଇ ପାରିଥିବା ସ୍ଥଳେ ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି। ଏହାର ଜ୍ୱଳନ୍ତ ଉଦାହରଣ ହେଉଛି ବେଗୁନିଆ ବ୍ଲକ କୁଶପଲା ଗ୍ରାମର ଅଜମତ ଖାଁ ଓ ଜାହିଦା ବିବିଙ୍କ ପୁଅ ଅସଫର ଖାଁ(୨୩)। ସେ ଯୁକ୍ତ ଦୁଇ ପଢ଼ିବା ସମୟରୁ ୟୁ-ଟ୍ୟୁବ ପ୍ରତି ଆଗ୍ରହ ସୃଷ୍ଟି ହେବା ସହ ସାମାଜିକ ସଚେତନତା ଭିତ୍ତିକ 'ଓଡ଼ିଆ କମେଡି ଅଲୱେଜ'ରେ ପୁଲିସ ହେଲା ବାୟା, କ୍ରିସ୍-୪ ଓ ନଟିଆ କମେଡି ଭଳି ଭିଡିଓକୁ ପରିବେଷଣ କରିଛନ୍ତି। ଯାହାକି ଏହା ୩ ଲକ୍ଷରୁ ଉର୍ଦ୍ଧ୍ୱ ଦର୍ଶକ ଅନୁସରଣ କରି ପାରିଥିବାରୁ ମାସକୁ ପ୍ରାୟ ୧୫ରୁ ୨୦ ହଜାର ଟଙ୍କା ଲେଖାଏଁ ମିଳି ପାରିଛି ବୋଲି ଅସଫର କହିଛନ୍ତି। ଏହାକୁ ନେଇ ବାପା ଓ ମାଆ ଖୁସି ହେବା ସହ ସ୍ଥାନୀୟ ଅଞ୍ଚଳର ଆଗ୍ରହୀ ଯୁବକ ଏହି ପଥକୁ ଅନୁସରଣ କରୁଛନ୍ତି।



# ଖୋର୍ଦ୍ଧା ମହିଳା ମହାବିଦ୍ୟାଳୟରେ ଚାରାରୋପଣ



**ଖୋର୍ଦ୍ଧା, ୩୦।୬(ସମିସ):** ଖୋର୍ଦ୍ଧା ମହିଳା ମହାବିଦ୍ୟାଳୟ ପରିସରରେ ଇନରହୁଇଲି କ୍ଲବ ଓ ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା ମିଳିତ ଆନୁକୂଲ୍ୟରେ ବୃକ୍ଷରୋପଣ କରାଯାଇଛି। ଏଥିରେ ମହାବିଦ୍ୟାଳୟର ପରିଚାଳନା କମିଟି ସଭାପତି ମମତା ଦେ, ଇନରହୁଇଲି କ୍ଲବର ସଭାପତି ମନ୍ଦିରା ଦେ, ମହାବିଦ୍ୟାଳୟର ଅଧ୍ୟକ୍ଷା ଡଃ. ବିଜୟଲକ୍ଷ୍ମୀ ଦାସ ଯୋଗଦେଇ ସମସ୍ତେ ନିଜ ବାଡ଼ି ବଗିଚାରେ ଅନ୍ତତଃ ଗୋଟିଏ ଗୋଟିଏ ଗଛ ଲଗାଇ ନିଜ ପିଲା ଭଳି ପାଳି ବଡ଼ କରିବା ଦରକାର ବୋଲି କହିଥିଲେ। ମହାବିଦ୍ୟାଳୟ ପରିସରରେ ଦେବଦାରୁ, କରଞ୍ଜ, ପେସ୍ତା, ବଉଳକୋଳି, ପିଜୁଳି, ଲିମ୍ବ, ଜାମୁ, କୃଷ୍ଣଚୁଡା ପ୍ରଭୃତି ବୃକ୍ଷରୋପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଇନରହୁଇଲି କ୍ଲବର ସଭ୍ୟା ଜ୍ୟୋତ୍ସ୍ନାରାଣୀ ପଟ୍ଟନାୟକ, ମହାବିଦ୍ୟାଳୟର ପ୍ରାଧ୍ୟାପିକା କବିତା ସ୍ୱାଇଁ, ସୋହାନି ଦାସ, ଅଧ୍ୟାପକ ଡ. ପ୍ରବୀଣ କୁମାର ମିଶ୍ର ଯୋଗଦେଇଥିବାବେଳେ ସ୍ୱେଚ୍ଛାସେବୀ, ଛାତ୍ରୀ, ମହାବିଦ୍ୟାଳୟର କର୍ମଚାରୀ, ଅଧ୍ୟାପକ, ଅଧ୍ୟାପିକା ସାମିଲ ହୋଇ ବୃକ୍ଷରୋପଣ କରିଥିଲେ।

# ବିପୁଳ ପରିମାଣର ପୋଚ ଓ ମଦ ଜବତ

**ବେଗୁନିଆ, ୩୦।୬(ସମିସ):** ଖୋର୍ଦ୍ଧା ଜିଲ୍ଲା ଅବକାରୀ ବିଭାଗ ଅଧୀକ୍ଷିକା ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶରେ ସଦର ରେଞ୍ଜ ଅବକାରୀ ବିଭାଗ ପୁଲିସ ପକ୍ଷରୁ ଚଢ଼ଉ କରାଯାଇ ବିପୁଳ ପରିମାଣର ପୋଚ ଓ ଦେଶୀମଦ ଜବତ ହୋଇଛି।

ସୂଚନା ଅନୁଯାୟୀ, ବେଗୁନିଆ ଅବକାରୀ ଥାନା ଅନ୍ତର୍ଗତ ବରପଦା କାଜୁ ଜଙ୍ଗଲରୁ ୨୮ ସହ ଲିଟର ପୋଚ ଜବତ କରି ନଷ୍ଟ କରିବା ସହ ବ୍ୟବହୃତ ସାମଗ୍ରୀ ଓ ୧୬୦ ଲିଟର ଦେଶୀମଦ ଜବତ ହୋଇଛି। ଏହି ଚଢ଼ଉରେ ସଦର ରେଞ୍ଜ ଅବକାରୀ ବିଭାଗ ନିରୀକ୍ଷକ ସନ୍ତୋଷ କୁମାର ସାହୁଙ୍କ ସମେତ କର୍ମଚାରୀମାନେ ନିୟୋଜିତ ହୋଇଥିଲେ।



**ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା**

# ଭାବବିହ୍ୱଳ କଲା 'ସ୍ମୃତି ତୁମ ଅଭୁଲା କାହାଣୀ'



**ଖୋର୍ଦ୍ଧା, ୩୦।୬(ସମିସ)**

ଜଟଣୀ ବ୍ଲକ ପାଣିଓରା ଉପ୍ରା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରବୀନ୍ଦ୍ର କୁମାର ମହାନ୍ତିଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅକ୍ଷୟ ପାଲଟାସିଂହଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଅତିଥି ରୂପେ ବିଆର୍‌ସିସି ପୂର୍ଣ୍ଣଚନ୍ଦ୍ର ବେହେରା, ପୂର୍ବତନ ବିଆର୍‌ସିସି ରବୀନ୍ଦ୍ର ଶତପଥୀ, ଅଙ୍ଗାରପଡ଼ା ପଞ୍ଚାୟତ ସରପଞ୍ଚ ମମତା ସାହୁ, ଜଟଣୀ ପୂର୍ବତନ ବିଇଓ ରମେଶ ଚନ୍ଦ୍ର ଖଟେଇ, ପୂର୍ବତନ ଟାଙ୍ଗୀ ବିଇଓ ସୁରେନ୍ଦ୍ର ମଙ୍ଗରାଜ, କୈଳାସ ଚନ୍ଦ୍ର ରାଉତ, ଗଗନ ମଙ୍ଗରାଜ, ସିଆରସିସି ପ୍ରିୟରଞ୍ଜନ ସମନ୍ତରା, ଜିତ ରଞ୍ଜନ ମହାପାତ୍ର, ନିଧି ବେହେରା, ତ୍ରିନାଥ ସାମନ୍ତରାୟ, ଦେବରାଜ ପ୍ରଧାନ ପ୍ରମୁଖ ଯୋଗଦେଇ ବିଦାୟୀ ଶିକ୍ଷକ ରବୀନ୍ଦ୍ର ମହାନ୍ତିଙ୍କ ଆଦର୍ଶ, ବିଦ୍ୟାଳୟ ଓ ଛାତ୍ରଛାତ୍ରୀଙ୍କ ପ୍ରତି ଅବଦାନ ଉପରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଶ୍ରୀ ମହାନ୍ତିଙ୍କୁ ଉତ୍ତରୀୟ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ପୂର୍ବତନ ସିଆରସିସି ତଥା ଜିଲ୍ଲାପାଳ ପୁରସ୍କାରପ୍ରାପ୍ତ ବର୍ତ୍ତମାନର ମାନପୁର ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦେବେନ୍ଦ୍ର କୁମାର ରଥ ବିଦାୟୀ ଶିକ୍ଷକଙ୍କ ଉଦ୍ଦେଶ୍ୟରେ 'ସ୍ମୃତି ତୁମ ଅଭୁଲା କାହାଣୀ' କବିତା ପାଠ କରି ଏକ ଭାବବିହ୍ୱଳ ପରିବେଶ ସୃଷ୍ଟି କରିଥିଲେ। ଶେଷରେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ, ଅଭିଭାବକ ଓ ଶିକ୍ଷା କମିଟି ସହଯୋଗ କରିଥିଲେ।

# କିକ୍ ବକ୍ସିଂ ପ୍ରତିଯୋଗିତା



**ଜଟଣୀ, ୩୦।୬(ସମିସ):** ସ୍ଥାନୀୟ ପୂର୍ବତଟ ରେଳବାଇ ସ୍ପୋର୍ଟ୍ସ କମ୍ପ୍ଲେକ୍ସଠାରେ ୱାକୋ ଓଡ଼ିଶା ରାଜ୍ୟ କିକ୍ ବକ୍ସିଂ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ରାଜ୍ୟର ୩୦୦ରୁ ଅଧିକ ପ୍ରତିଯୋଗୀ ଭାଗ ନେଇଥିଲେ। ଏଥିରେ ମୁଖ୍ୟ ଅତିଥି ରୂପେ ପାଣ୍ଡବ ଜେନା ଫାଉଣ୍ଡେସନର ଉପଦେଷ୍ଟା ସନ୍ତୋଷ କୁମାର ଜେନା, ପୂର୍ବତନ ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ, ଓଡ଼ିଶା କିକ୍ ବକ୍ସିଂ ସଂଘର କାର୍ଯ୍ୟକାରୀ ସଭାପତି ବିଭୂତି ଭୂଷଣ ବେହେରା, ପୁରୁଷୋତ୍ତମ ମୁଦୁଲି, ଖେଳ ସମ୍ପାଦକ ଏବଂ ଉପେନ୍ଦ୍ରନାଥ ଦାସ ଖୋର୍ଦ୍ଧା ଜିଲ୍ଲା ସ୍ପୋର୍ଟ୍ସ ସମ୍ପାଦକ ପ୍ରମୁଖ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଏହି ଉତ୍ସବରେ ଅବସରପ୍ରାପ୍ତ ସୈନିକ କପିଳେନ୍ଦ୍ର ଦାସ, ଖୋର୍ଦ୍ଧା ଜିଲ୍ଲା କ୍ରୀଡ଼ା ସମ୍ପାଦକ ଉପେନ୍ଦ୍ରନାଥ ଦାସ ଏବଂ ଅଲ୍ଲେଖ ଚନ୍ଦ୍ର ବଳିୟାରସିଂହଙ୍କୁ କ୍ରୀଡ଼ା ଗୁରୁ ସମ୍ମାନରେ ସମ୍ମାନିତ କରାଯାଇଥିଲା। ନରେନ୍ଦ୍ର ଜେନା, କେଦାର ବରାଳ ଓ ରଶ୍ମିତା ନାୟକ ସଂଯୋଜନା କରିଥିଲେ।

